
ଛାଉଣୀ

# ବାଉଳା ମନ

*

ଲେଖକ :
ଶ୍ରୀ ବସନ୍ତ କୁମାର ପଣ୍ଡା

*

ପ୍ରକାଶକ :
ଶିକ୍ଷା ସଦନ
କଟକ-୨

ପ୍ରଥମ ପ୍ରକାଶ :
ଡିସେମ୍ବର—୧୯୭୪

*

ପ୍ରଚ୍ଛଦପଟ୍ଟ ଶିଳ୍ପୀ :
ଦେବାଶିଷ୍ ଶରତଚନ୍ଦ୍ର ଦାସ

*

ମୁଦ୍ରାକର :
ପୂର୍ଣ୍ଣିମାରାଣୀ ଦାସ
ଝରଣା ପ୍ରିଣ୍ଟର୍ସ, କଟକ—୧

*

ମୂଲ୍ୟ :
ଏକ ଟଙ୍କା

*

**BAULA MAN, Re 1.00**

ବିକଶିତ କୁସୁମରେ ପରାଗସଂଗମ ଓ ନାରୀ ପୁରୁଷର ମିଳନ ପ୍ରକୃତିର ଏକ ସ୍ୱାଭାବିକ କ୍ରିୟା । ମିଳନ ସୁଖରୁ ଯେ ବଞ୍ଚିତ ହୁଏ, ପ୍ରାଣ ତାର ଚିତ୍କାର କରି ଉଠେ ।

ବୈବାହିକ ବନ୍ଧନ ପୂର୍ବରୁ ଯୁବକ ଯୁବତୀମାନେ ମନେ ମନେ ଦେଖନ୍ତି ଚଉଠିରାତିର ସ୍ୱପ୍ନ । ସେ ଦିନକୁ ସ୍ୱାଗତ ଜଣାଇବା ଲାଗି ଆକାଂକ୍ଷିତ ହୃଦୟରେ ଅପେକ୍ଷା କରନ୍ତି । ବିଗତ ଯୌବନ ଯୌବନାଗତ ସ୍ମୃତିକୁ ମାଜି ମୁଜି ନୂଆ କରି ଅନୁଭବ କରିବାର ବିଫଳ ପ୍ରୟାସ କରନ୍ତି ।

ଫଗୁଣ ମାସରେ ବସନ୍ତ ଆଗମନରେ ପୃଥିବୀ ହସେ କାମମୟୀ । ରୁଚି ସମ୍ପନ୍ନ ସୁସଜ୍ଜିତ କକ୍ଷରେ ମୃଦୁ ଦୀପାଲୋକର ମଧୁର ପ୍ଲାବନରେ ବାହାରୁ ବିଦାୟୀ ପ୍ରିୟମାନେ ବାସରରାତିର ସ୍ୱପ୍ନ ଦେଖନ୍ତି । ମୁହୂର୍ତ୍ତେ ଯୁଗପରି ମନେ ହୁଏ । ଅଜଣା ସୁଖର କଳ୍ପନାରେ ଦେହର ଲତାରେ କଦମ୍ବ ଫୁଲ ଫୁଟେ, ହୃଦୟ ସାଗରରେ ଆନନ୍ଦତରଙ୍ଗ

ଉଠେ । ସୁଖ ଆଲୋକରୁ ଦୁଃଖାନ୍ଧକାରୁ ମଧ୍ୟରେ ପ୍ରବେଶ କଲେ ଯେପରି ମନମୟୂର କାନ୍ଦେ, ସେହିପରି ପତି-ସାନିଧ୍ୟ ନପାଇଲେ ଯୁବତୀ ହୃଦୟ ସାହାରାରେ ପରିଣତ ହୁଏ ।

ଶାଶୁଘରେ ମାସେ କଟିଲା ବୀଣା ବାପଘରକୁ ଆସି ଅନୁଭବ କରୁଚି ଶରୀରର ପ୍ରବଳ ଦହନ । ବିବାହ ପୂର୍ବରୁ ଗାଁ, ଘର, ପୁଷ୍କରିଣୀ, ପଲ୍ଲୀବନ୍ଧୁ, ଆକାଶର ଜହ୍ନ, ଦକ୍ଷିଣାପବନ ହାସ ପରିହାସ ଭଲ ଲାଗୁଥିଲା, କିନ୍ତୁ ଶାଶୁଘରୁ ଫେରି ଆସି ବୀଣା ଅଜ ନିଜକୁ ଏକା ଏକା ଅନୁଭବ କରୁଛି । ଉପସ୍ଥିତ ପରିବେଶ ଓ ଉପଗୃର ମଲ୍ଲୀମଣ୍ଡିତର ଚିତ୍ରପଟ ପରି ଅଲୋଡ଼ା ହୋଇଯାଇଛି । ସେ ଲୁଷ୍ଠାନ୍ତି ମିଳନ ଜଳନ୍ତି ତାର ଏକମାତ୍ର ପାଥେୟ ।

ସ୍ୱାମୀତାର ଶିକ୍ଷାନବିସ୍‌ରେ । ବାପମାଆଙ୍କ ତାଗିଦ୍ — ବାରମ୍ବାର ଘରକୁ ଆସି କ୍ଷତି କରିବା ଉଚିତ ନୁହେଁ । ବୀଣା ବୁଝେ, କିନ୍ତୁ ମନ ମାନେନା । ସ୍ୱାମୀ ତାର ଶିକ୍ଷାରୁ ବିଦାୟ ନେବାପାଇଁ ଆଉ ତିନିବର୍ଷ । ତିନିବର୍ଷ ପରେ ସେ ହେବେ ଉଚ୍ଚପଦସ୍ଥ କର୍ମଚାରୀ । ସୁଖ ସମ୍ପଦ ସମ୍ଭାର ତାର ପାଦତଳେ ଲୁଏଁ ଲୁଏଁ ଅଜାଡ଼ି ହୋଇ ପଡ଼ିବ ।

କିନ୍ତୁ ଏ ଦୀର୍ଘ ସମୟ ଭିତରେ ପ୍ରାଣର କୋମଳତା କଣ ନଷ୍ଟ ହୋଇଯିବନି ? ପ୍ରଣୟ ଅନୁରାଗିଣୀ ସୁକୁମାରୀ ବୀଣା କଳ୍ପନା କରି ପାରେନି, ସମ୍ମୁଖର ବିସ୍ତୀର୍ଣ୍ଣ ବାଲୁକାମୟ ପଥର ଶେଷ କେବେ ହେବ ? ଏ ଯାତ୍ରା ଯେପରି ବୀଣାକୁ ଜଣାଯାଉଚି ଅସରନ୍ତି ଓ କ୍ଳାନ୍ତିକର । ମରୀଚିକା ପଛେ ଧାଇଁ ଧାଇଁ ମରୁଦ୍ୟାନରେ ପହଞ୍ଚିଲେ ଯାତ୍ରୀ ଶାନ୍ତିର ନିଃଶ୍ୱାସ ମାରେ । ଦୀର୍ଘ ତିନିବର୍ଷର ଅଦର୍ଶନର ପୂର୍ଣ୍ଣଚ୍ଛେଦ ସତରେ କେବେ ଆସିବ, ଏକଥା ବୀଣା ଚିନ୍ତା କରିପାରେନି ।

ବିଚ୍ଛେଦ ସାହାରାରେ ସତେ କେବେ ସେ ମିଳନ ମରୁଦ୍ୟାନର ସନ୍ଧାନ ପାଇବ ?

ବୀଣା ମନକୁ ପରିବର୍ତ୍ତନ କରିବାକୁ ଚେଷ୍ଟାକରେ । ଅଦମ କାମନାଗ୍ନି ତା ମନଜଙ୍ଗଲକୁ ଜାଳିପକାଏ ।

ବୀଣାର ଉତ୍କଣ୍ଠିତ ପିତା ବୀଣାର ନୀରସ ଅବସରକୁ ସରସ କରିବା ନିମନ୍ତେ ଗୋଟିଏ ଟ୍ରାଞ୍ଜିଷ୍ଟର ଓ ଗୋଟିଏ ସିଲେଇ ମେସିନ୍ କିଣି ଦେଲେ । ସାମୟିକ ସିଲେଇ ଶିକ୍ଷା ଦେବା ନିମନ୍ତେ ନିଜର ବନ୍ଧୁ ଓ ଟେଲର୍ ବିଶ୍ୱନାଥଙ୍କୁ ନିଯୁକ୍ତ କଲେ ।

ବୀଣାର ମାନସିକ ପରିବର୍ତ୍ତନ ଦେଖା ଦେଲା । ଦୁଃଶ୍ଚିନ୍ତା କ୍ରମେ କମିଲା ।

ବିଶ୍ୱନାଥ ସୁସ୍ଥ ସବଳ ସୁନ୍ଦର । ବିବାହିତ ଓ ସ୍କୁଲେଟି ପୁଅ ଝିଅଙ୍କର ଜନକ । ପିତା ମାତା ଭ୍ରାତା ପତ୍ନୀ ପୁଅ କନ୍ୟାଙ୍କୁ ନେଇ ଗୋଟିଏ ପରିବାରର ଚାଳକ । ଜଳ ଭଣ୍ଡାରରେ ଝଙ୍କାପଡ଼ି ତରଙ୍ଗ ସୃଷ୍ଟି ହୋଇ ପୁଣି ସ୍ଥିର ହେବାପରି ବିଶ୍ୱନାଥର ହୃଦୟ ସାଗର ସ୍ଥିର ହୋଇଯାଇଛି । ଚଞ୍ଚଳତା ଆଉ ତାର ନାହିଁ । ବୀଣାର ସୁନ୍ଦର ମୁଖମଣ୍ଡଳ ବିପୁଳ ସ୍ୱାସ୍ଥ୍ୟ ସମ୍ଭାର ବିଶ୍ୱନାଥର ହୃଦୟକୁ ରୋମାଞ୍ଚିତ କରେନି ।

ବିଶ୍ୱନାଥ ଘରକୁ ଫେରେ । ବୀଣାର ପ୍ରଶ୍ନ, ଗୃହିଣୀ ତାକୁ ବିବ୍ରତ କରାଏ । ବିଶ୍ୱନାଥର ସ୍ତ୍ରୀ ସ୍ୱାମୀର ମନକଥା ଟିକ୍

ଭୁଲିପାରେ । ପିଲାଙ୍କୁ ଶୁଆଇ ଦେଇ ବୃଟେଷ୍ଟି ସନ୍ତାନର ମାତା ନିଜର ପତଳା ଦେହକୁ ବିଶ୍ୱନାଥ ଦେହରେ ଜଡ଼େଇ କେତେ ମନଭୁଲା କଥା କହେ । କଥାର ଉତ୍ତର ଶୁଣୁ ଶୁଣୁ ସେ ଶୋଇଯାଏ । ଓଠରେ ତାର ଲାଗି ରହିଥାଏ ତୃପ୍ତିର ହସ ।

କାର୍ତ୍ତିକ ମାସ ଶୀତ ସନ୍ଧ୍ୟାର ଏକ ଜ୍ୟୋତ୍ସ୍ନାପ୍ଲାବିତ ମୁହୂର୍ତ୍ତ । ଆକାଶର ଚନ୍ଦ୍ର ହସର ପସରା ମେଲି ପୃଥିବୀବାସୀଙ୍କୁ ଜଣାଉଛି ସାଦର ଅଭିନନ୍ଦନ । ଶୀତର ଶୀତଳ ସମୀରଣ ବୀଣାର ଦେହ ଛୁଇଁବାକୁ ଚେଷ୍ଟା କରୁଛି । ଦେହ ତାର ଖୋଜି ବୁଲୁଚି ଉଷ୍ମତାର ସ୍ପର୍ଶ । ଚନ୍ଦ୍ର ତାକୁ ଉପହାସ କରୁଛି, ବିରହୀ ଚକୋରୀକୁ ଷତ ବିଷତ କରୁଚି ।

ଅଗଣାରୁ ବୀଣା ଘର ଭିତରକୁ ଉଠିଗଲା । ବାହାରେ ଶୀତ ସନ୍ଧ୍ୟାର କାନ୍ତ ପରିବେଶ ଭିତରେ ଅଖଣ୍ଡ ନୀରବତା । ଟ୍ରାଞ୍ଜିଷ୍ଟର ଖୋଲିଲା ବୀଣା । ସୁମଧୁର ବାଦ୍ୟଯନ୍ତ୍ର ସଙ୍ଗେ ସଙ୍ଗେ ସୁକଣ୍ଠର କଣ୍ଠରୁ ଭାସି ଆସିଲା ଗୀତର ଝରଣା । ଓଡ଼ିଆ ଗୀତ—ଫୁଲ ବଗିଆରେ ବକଣି ରଙ୍ଗିଛି ଅନାଇ ଏ କୁଞ୍ଜେ କାହେ ଗୁଞ୍ଜନ ଦେଇଯା ।

ବିକଶିତ କୁସୁମର ଆବେଗ ଭରା ମିନତି । ଭ୍ରମର ତାର ସାଥି । ମିଳନରେ ବାଧା ନାହିଁ । କିନ୍ତୁ ସାମାଜିକ ଜୀବ ମଣିଷ ଓ ନାରୀଙ୍କ ମିଳନରେ ଶତ ବାଧା । ପଥ ତାଙ୍କର ଗୋଲାପର ଶଯ୍ୟା ନୁହେଁ, ବରଂ ବନ୍ଧୁର ଓ ଧାବିଲ୍ଲ ହାରା କଣ୍ଟକିତ । ପଦେ ପଦେ ଶୃଙ୍ଖଳ । ସାମାଜିକ ନିୟମ ।

ବସିବା ଯାଗାରୁ ଉଠି ଖାଣା ଦର୍ପଣ ସମ୍ମୁଖରେ ଠିଆ ହେଲା । ସ୍ଫୁର୍ତ୍ତି ଅବୟବ ତାର ପରିଷ୍କାରଭାବେ ଦେଖାଯାଉଛି । ଗହମ ରଙ୍ଗର ଦେହ, ବେଶ ମାଂସଳ ଲୋଭନୀୟ । ଦେହକୁ ବେଷ୍ଟନ କରିଛି ନୀଳ ରଙ୍ଗର ଶାଢ଼ୀ, ଗାଢ଼ ବାଦାମୀ ରଙ୍ଗର ବ୍ଲାଉଜ । ସୂକ୍ଷ୍ମ ଅଥଚ ଦାମିକା ସ୍ୱର୍ଣ୍ଣାଳଙ୍କାର କାନ ହାତ ଓ ବେକରେ ଝଟକୁଛି ।

ପ୍ରେମଠାରୁ ବାନ ଭଲ ନୁହେଁ । ବିବାହପରେ ସ୍ତ୍ରୀ ପରପୁରୁଷଙ୍କୁ ଖୋଜିଲେ ସେ ଦୋଷ କହନ୍ତି । କିନ୍ତୁ ପୁରୁଷ—ତାଙ୍କୁ ଗୁଡ଼୍‌ଖୁଣ୍ ମାଫ୍ । ସେ ପିତ୍ତଳ ବାସନ । ମାଜମୁଜ ହେଲେ ପୁଣି ସଫା ।

ଖାଣାର ମନ ଗୋଳମାଳିଆ ହେଇଗଲା । ଝରକା ପାଖକୁ ଯାଇ ବାହାରକୁ ଚାହିଁ ରହିଲା । ବାହାରେ ତାର ଗାଁ । ଗାଁର ପ୍ରକୃତି ଗଢ଼ିଉଠିଛି । ଖାଣା ଏବେ ଗାଁ ଭିତରକୁ ଚାହିଁଲେ ତାର ମନେପଡ଼େ ହଜିଲା ଅତୀତ । ଭବିଷ୍ୟତର ସ୍ୱର୍ଣ୍ଣମୃଗ ତାର ମନଗହନକୁ ବିଭ୍ରତ କରେ । ଅତୀତହିଁ ଜୀବନର ମାନଦଣ୍ଡ ।

ଖାଣାକୁ ସେତେବେଳେ ହେଇଥାଏ ବାରବର୍ଷ । ବୟସ ତା ଦେହରେ ଆଣୁଥାଏ ନୂଆ ନୂଆ ପରିବର୍ତ୍ତନ । ପତଳା ଦେହଟାରେ ତାର ସୁନ୍ଦର ସୁନ୍ଦର ଢଙ୍ଗ ପ୍ରକାଶିତ ହେଉଥାଏ । ଚିବୁକ ଉପରେ ଉକୁଟି ଆସୁଥାଏ ଅରୁଣିମା । ପ୍ରଜାପତି ପରି ସେ ଥିଲା ଚଞ୍ଚଳା ଓ ଚପଳା । ସାଥିମାନେ ତା ସାଙ୍ଗରେ ମିଶିଲେ ସେ ବିରକ୍ତ ହେଉଥିଲା କିନ୍ତୁ ଆଜ ହାତର ସ୍ପର୍ଶ ପାଇଁ [illegible]ର ଅନ୍ତର ଝୁରୁଛି । ଖାଣାର ବଡ଼ ଭଉଣୋଇ ବାଟାକୁ ଦେଖିଲେ [illegible] ଲୋଭଲା ଆଖିରେ ଚାହାଁନ୍ତି । ସୁବିଧା ପାଇଲେ ପାଖକୁ ଟାଣି [illegible] ଗେଲ କରନ୍ତି ଅନ୍ତି । ସେ ସବୁ ଅତୀତର ।

ବର୍ତ୍ତମାନ ସେ ଅନୁରକ୍ତା ବିବାହିତା । ଭିତୋଇ ତା' ସାଙ୍ଗରେ ଲାଗିବାପାଇଁ ସାହାସ କରନ୍ତିନି । କେବଳ କଥାରେ କଥାରେ ଯାହା ମନ ଓଉମାନ ମେଣ୍ଟାନ୍ତି । ବିବାହ ପରେ ସେ ସ୍ୱାମୀ ସଙ୍ଗେ ମିଶିବା ପାଇଁ ସୁବିଧା ପାଇଥିଲା । ହେଇଥିଲା ଜଣଙ୍କର ଏକାନ୍ତ ସଙ୍ଗିନୀ । ଚାକିରିସୂତ୍ରରେ ଗ୍ରହଣ କରିଥିଲା ସ୍ୱାମୀଙ୍କର ସହରଭଙ୍ଗ ଝକୁଣ୍ଡିତ ଦାନ, କିନ୍ତୁ ସବୁ ଅକପଦନ ପାଇଁ ।

ଏ ଶୀତସନ୍ଧ୍ୟାରେ ମଧ୍ୟ ବୀଣା ଦେହ ଝାଳେଇ ଆସିଲା । ଝରକା ପାଖରୁ ଆସି ତକିଆରେ ମୁହଁଟା ମାଡ଼ି କରି କରି ହୋଇ କାନ୍ଦି ଉଠିଲା ।

ବିଶ୍ୱନାଥ ଆସି ଦେଖିଲେ—ବୀଣା କାନ୍ଦୁଚି । ମୃଦୁ ଅଥଚ ଶାସନ ଗଳାରେ କହିଲେ—ବୀଣା, ତମେ ଯଦି ନଶିଖିବ ତେବେ ମୋର ଆସିବା ବନ୍ଦ କରିଦେବା ଉଚିତ ।

ବିଶ୍ୱନାଥ ଫେରିଯାଇ ଶେଯରେ ଶୋଇ ଚିନ୍ତା କରୁଛି । ପାଖରେ ପିଲେ ଆଉ ସ୍ତ୍ରୀ ଶୋଇ ପଡ଼ିଲେଣି । ପୁଣି ସନ୍ତାନ ହେବ ସେ । ଛଅଟି ସନ୍ତାନ ପରେ ସପ୍ତମ ସନ୍ତାନ ଗର୍ଭରେ ଧାରଣ କରି ଅପୂରନ୍ତ ଆନନ୍ଦରେ ସେ ଉତ୍ଫୁଲ୍ଲ ଉଠୁଛନ୍ତି । ଦେହରେ ରକ୍ତର ଅଭାବ, ତଥାପି ସୃଜନ ମନୋବୃତ୍ତି ତାଙ୍କୁ ସ୍ୱାମୀଙ୍କର ନିକଟତମ କରିଛି ।

ବିଶ୍ୱନାଥର ମନଭଙ୍ଗା ଯାଇ ବୀଣାର ହୃଦୟ ନିକଟରେ ପରିକ୍ରମା କରୁଛି । ଚିନ୍ତାରେ ସେ ବିଚଳିତ । ସଂସାର ତାର

ସ୍ନେହ ସମ୍ଭାରରେ ଭରା । ସ୍ତ୍ରୀର ଆଦର ଯତ୍ନ ! ପୁଅ ଝିଅମାନଙ୍କର ହସଖୁସିରେ ବିଶ୍ୱନାଥ ତୃପ୍ତ ।

ବିଶ୍ୱନାଥ ଭାବୁଥିଲା ବୀଣାର ମନକଥା । ବୀଣା ଚାହେଁ ମିଳନ, ପ୍ରିୟପୁରୁଷ ଶାଶ୍ୱତିକ ମିଳନ । କିନ୍ତୁ ସ୍ୱାମୀ ତା'ର ବିଦେଶରେ । ବୀଣାର ଦର୍ଶିରୁ ଜଣାପଡେ—ସେ ଚାହେଁ ପୁରୁଷର ସାନିଧ୍ୟ !

ଯୌବନର ସଂଜ୍ଞା ହୃଦୟରେ ପ୍ରହେଳିକା ସୃଷ୍ଟି କରେ । ମିଳନ ଆଶା କରି ଯୌବନ ସ୍ୱାଭାବିକ ଲକ୍ଷଣ । ପ୍ରକୃତିର ଯାହା ଇଚ୍ଛା ତାହା ପାପ ନୁହେଁ । ବିଶ୍ୱନାଥ ବୀଣାକୁ ସିଲେଇ ଶିଖେଇବାକୁ ଯାଇ ବେଳେବେଳେ ଦେଖେ, ସେ ଅନ୍ୟମନସ୍କ ଭାବରେ ଛୁଞ୍ଚ ଉପରେ ବୁଲୁଛି । ବିଶ୍ୱନାଥର କଳ୍ପନାଶକ୍ତି ପ୍ରଶ୍ନ ପଚାରେ ବସେ ବୀଣା — କହୁଥିବ ତମକୁ ଭଲ ଲାଗେନା ?

ବିଶ୍ୱନାଥ ଯୁବକ । ଯୁବଂଥିଲାବେଳେ ଚପଳତା ତାର ସ୍ୱାଭାବିକ ଧର୍ମ । ବିବାହିତା ନାରୀର ଶକ୍ତି ବୁଝେ । ତାର ଅବିବାହିତ ଜୀବନରେ ଇମିତି କେତେ ଅତୃପ୍ତା ବିବାହିତା ଯୁବତୀଙ୍କର ବନ୍ଧୋକ୍ତି ସେ ହଜମ କରିଛି । ସେତେବେଳେ ଥିଲା ବିପୁଳ ସାହସ । ସୁବିଧାନୁସାରେ ତୃପ୍ତ କରିଥିଲା ସେମାନଙ୍କର କାମନା । ତାର ପଛିଲା ବୟସର ପ୍ରେମିକା ମାନେ ଆଜି ଅନେକେ ଜନନୀ ହେଲେଣି । ଏବେ ବିଶ୍ୱନାଥକୁ ଦେଖିଲେ ସେମାନେ ପକ୍କା ଗୃହିଣୀ ପରି ଭଲମନ୍ଦ ପଚାରନ୍ତି । ଅତୀତ ବର୍ତ୍ତମାନରେ ପରିଣତ ହୋଇଛି । ସେମାନଙ୍କ ନିକଟରେ ବିଶ୍ୱନାଥ ଆଜି ଅଚିହ୍ନା । ବିଶ୍ୱନାଥ ସେମାନଙ୍କୁ ଭୁଲିଛି, ସେମାନଙ୍କର ପ୍ରେମକୁ ଘୃଣା କରିଛି । ନିଜର ବିବାହିତା ସ୍ତ୍ରୀର ସରଳ ସହଜ ବ୍ୟବହାରରେ ସେ ବାସ୍ତବତାର ସ୍ୱପ୍ନ ହିଁ ଦେଖିଛି ।

ପ୍ରଥମେ ପ୍ରଥମେ ପ୍ରେମିକା ମାନଙ୍କର ଅବହେଳାରେ ବିଶ୍ୱନାଥ ଦୁଃଖିତ ହେଉଥିଲା । ଅଶାନ୍ତ ଅନୁଭବ କରୁଥିଲା । ମନର ରଙ୍ଗ ଲିଭି ଯାଉଥିଲା । କିନ୍ତୁ କ୍ରମେ ସେ ବାସ୍ତବବାଦୀ ସଂସାରୀ ହୋଇଛି । ଅତୀତକୁ ଭୁଲିଛି ।

ବିଶ୍ୱନାଥ ଆଜି ବୁଝୁଛି ବୀଣାର ମାନସିକ ଦ୍ୱନ୍ଦ । ତଥାପି ବୀଣା ପିତାଙ୍କର ଚେତାବନୀ ତା କାନରେ ଭୁହାଇ ଭୁହାଇ ଶୁଭେ — ବୁଝିଲୁ ଝିଅ, ସ୍ୱାମୀ ସଙ୍ଗେ ଅଳ୍ପ ଦିନ ଚଳିବା ପରେ ଅଲଗା ହୋଇ ରହିବା କଷ୍ଟ ଦାୟକ । ତେଣୁ ତାର ମାନସିକ ପରିବର୍ତ୍ତନ ଲାଗି ଏ ସାମାନ୍ୟ ଚେଷ୍ଟା ମାତ୍ର ।

ବନ୍ଧୁର ଅଗାଧ ବିଶ୍ୱାସ ବିଶ୍ୱନାଥକୁ ସଚେତନ କରାଏ । ସେ ମନେ ମନେ ଚିନ୍ତାକରେ — କି ସହଜ ଭାବରେ ଯୁବତୀ କନ୍ୟାକୁ ତା ଦାୟିତ୍ୱରେ ଛାଡ଼ି ଦେଇଛି । ସେ ବନ୍ଧୁତ୍ୱର ଅବମାନନା ସଙ୍ଗେ ନିଜର ପାରିବାରିକ ଅଶାନ୍ତି ବୃଦ୍ଧି କରିବ କାହିଁକି ?

ବିଶ୍ୱନାଥର ମାରକେଟରେ ବୀଣା ପ୍ରଶ୍ନ ପଚାରେ — ତମକୁ ପରା ମୁଁ ଡରୁଥିଲି ? କଥାରେ ପରିହାସ, ମୁହଁରେ ହସ ଭଙ୍ଗୀରେ ଲଜ୍ଜା ଚମକେ ।

ବିଶ୍ୱନାଥ କିଛି ଉତ୍ତର ଦେଇ ପାରେନି । କାର୍ଯ୍ୟର ଛଳନାରେ ଚାଲି ଆସେ । ବାଟରେ ସେଇ କଥା ସବୁ ଭାବେ । ଆଜି ବିଶ୍ୱନାଥ ଶୋଇ ଶୋଇ ସେଇ କଥାଗୁଡ଼ିକର ପୁନରାବୃତ୍ତି କରୁଛି ।

କାର୍ତ୍ତିକ ମାସର ଶୀତ ସାଙ୍ଗକୁ କ୍ରମାଗତ ଆଠଦିନ ହେବ ବର୍ଷା ପବନ ଲାଗି ରହିଛି । ଏଇ ଆଠଦିନ ଭିତରେ ବିଶ୍ୱନାଥ ବୀଣା ଘରକୁ ଯାଇନି । ବାହାର ଝଡ଼ ସଙ୍ଗେ ମନରେ ତାର ଝଡ଼ ଚାଲି ହେଉଛି ।

ପାଖରେ ଛୋଟଝିଅ ମିନା ବସି ଛୋଟ ଛୋଟ ପ୍ରଶ୍ନ ପଚାରୁଛି । ଅଗଣାରେ ପଟି ଖଣ୍ଡିଏ ପକେଇ ବସି ବିଶ୍ୱନାଥ ଝିଅର ପ୍ରଶ୍ନର ଉତ୍ତର ଦେବାକୁ ଚେଷ୍ଟା କରୁଛି । ଦୁଇ ଚାରିଟା ପ୍ରଶ୍ନ ପରେ ଗୋଟେ ଅଧେ ଉତ୍ତର ଦେଉଛି କେବଳ ହଁ ନାଁ ରେ ।

ରୋଷଘର ଦୁଆରେ ଠିଆ ହୋଇଥିଲା ତାର ସ୍ତ୍ରୀ । ବିଶ୍ୱନାଥର ଉତ୍ତର ଶୁଣୁ ଶୁଣୁ ହସି ପକେଇଲା । ସ୍ତ୍ରୀର ହସରେ ବିଶ୍ୱନାଥ ଚମକି ଚାହିଁଲା – ସ୍ତ୍ରୀ ତାର ଠିଆ ହୋଇଛି, ହାତରେ ପିଠା ଖାଉଆ, ଗାଲରେ କଳା ଦାଗ, କପାଳରେ ବିନ୍ଦୁ ବିନ୍ଦୁ ଝାଳ ଓଠରେ ଲାଗି ରହିଛି ହସ ।

—ବିଶ୍ୱନାଥ କିଛି ବୁଝି ନପାରି କହିଲା—କଥା କଣ ? ହସୁଚ କାହିଁକି ?

ପ୍ରଶ୍ନର ଉତ୍ତର ଲାଗି ସେ ଯିମିତି ଆଗରୁ ପ୍ରସ୍ତୁତ ଥିଲେ । କହିଲେ—ମିନାର ପ୍ରଶ୍ନ ଶୁଣି କି ଉତ୍ତର ଦଉଚ ନା ଆଉ କାହା କଥା ଭାବି ଭାବି ମୁଣ୍ଡ ଖାଲିଟି ଗଲଣି ?

ବିଶ୍ୱନାଥ ବୁଝିଲା । କହିଲା—ଓଃ ଏଇ କଥା । ଫୁଟି ଉଠିଲା ତା ଓଠରେ ଟିକୁରିଏ ହସ । ସ୍ୱାମୀ ସ୍ତ୍ରୀର ହସର ଆଦାନ ପ୍ରଦାନରେ ହିଁ ହୃଦୟର ବୁଝାମଣା ହୁଏ ।

ବିଶ୍ୱନାଥ ମିନାକୁ କୋଳରେ ଧରି ଗେଲ କରୁ କରୁ ଚାହିଁଲା ଆକାଶକୁ । କଳା କଳା ମେଘ ପବନ ଦ୍ୱାରା ଉଡ଼ିଯାଉଛି ଦୂରକୁ । ତା ପଛେ ପଛେ ପୁଣି ମେଘଖଣ୍ଡ । ପବନ ଓ ମେଘର ଏ ଯେମିତି ଚିରନ୍ତନ ସଂଗ୍ରାମ ।

ପୁଣି ଅତୀତ ଖଣ୍ଡେ କଳାମେଘ ହୋଇ ବିଶ୍ୱନାଥ ସମ୍ମୁଖରେ ଦେଖାଦେଲା । —ସେତେବେଳକୁ ବିଶ୍ୱନାଥକୁ ହୋଇଥାଏ ଅଠର

ବରଷ । ଯୌବନର ପ୍ରଥମ ସୋପାନ । ଉଦ୍ଦାମତା ସେ ବୟସର ଧର୍ମ । ବ୍ୟବସାୟ ସୂତ୍ରରେ ବିଶ୍ୱନାଥ ଥାଏ ଜଟଣୀର ଜଣେ ବ୍ୟବସାୟୀଙ୍କ ନିକଟରେ । ମାଲିକ ବିଶ୍ୱନାଥର ଦାୟିତ୍ୱରେ ନିଜଘର ଓ ବ୍ୟବସାୟ ଛାଡ଼ି ଦେଇଥାନ୍ତି । କର୍ମକ୍ଳାନ୍ତ ବିଶ୍ୱନାଥ ସନ୍ଧ୍ୟାରେ ବସାକୁ ଫେରିଲା ବେଳକୁ ମାଲିକାଣୀ ଖାଇବା ପ୍ରସ୍ତୁତ କରିଥାନ୍ତି । ନିଜର ଲୋକ ପରି ତାର ଖାଇବା ପିଇବାର ଯତ୍ନ ନିଅନ୍ତି । ବିଶ୍ୱନାଥ କର୍ମଠ ଓ ବିଶ୍ୱାସୀ, ଦିନର କାର୍ଯ୍ୟପରେ ସେ ସଙ୍ଗେ ସଙ୍ଗେ ଶୋଇଯାଏ ।

ବ୍ୟବସାୟୀ ଦିନବନ୍ଧୁ ଦାସ ଲକ୍ଷପତି । ଧନର ଅଭାବ ନାହିଁ ସତ, କିନ୍ତୁ ମନର ଅଭାବ ଥିଲା ତାଙ୍କ ନିକଟରେ । ନିଜର ବିବାହିତା ପତ୍ନୀକୁ ସେ ଆଦର କରି ପାରନ୍ତିନି । ନିତ୍ୟ ନୂତନ ନାରୀମାଂସ ଉପଭୋଗ କରିବା ତାଙ୍କର ଥିଲା ଅଭିଳାଷ ।

ଦିନବନ୍ଧୁଙ୍କ ପତ୍ନୀ ସୁନନ୍ଦା । ସ୍ୱାମୀଙ୍କର ଅନୁପସ୍ଥିତିର କାରଣ ଜାଣି ମଧ୍ୟ ନଜାଣିଲା ପରି ନୀରବ ରହନ୍ତି । ସ୍ୱାମୀ ଶତନାରୀଙ୍କ ଅଧରଚୁମ୍ବନ କଲେ ମଧ୍ୟ ଦୋଷହୀନ, କିନ୍ତୁ ନାରୀ ଯଦି ଭୁଲରେ ପରପୁରୁଷ ପ୍ରତି ନୟନପାତ କରେ—ତେବେ ସେ ହୁଏ ଶତ ଲାଞ୍ଛନାର ଶରବ୍ୟ ।

ଦିନବନ୍ଧୁଙ୍କର ଅବହେଳା କ୍ରମେ ବଢ଼ିଗଲା । ମାନସିକ ଯାତନା ସହ୍ୟ କରିବା ନିମନ୍ତେ ନଥିଲା ତାର ସାହସ । ବିଶ୍ୱନାଥକୁ ଆପଣାର କରିବା ନିମନ୍ତେ ସେ କଲା ପ୍ରବଳ ଉଦ୍ୟମ ।

ଆଜି ବିଶ୍ୱନାଥର ଠିକ୍ ମନେ ପଡ଼ୁଛି । ସେଦିନ ହୋଇଥାଏ କୁମାର ପୂର୍ଣ୍ଣିମା । ବାହାର ଘରେ ବିଶ୍ୱନାଥ ସନ୍ଧ୍ୟାପରେ ବିଶ୍ରାମ ନେଉଛି । ବାହାରେ ଚନ୍ଦ୍ର କିରଣରେ ମଧୁର ପ୍ଲାବନ । ଘର ଭିତରେ ଉଜ୍ଜ୍ୱଳ ବିଦ୍ୟୁତବର୍ତ୍ତି । ବିଶ୍ୱନାଥର କଳ୍ପନାକୁ ବିସ୍ତୃତ

ଓ ବିସ୍ମିତ କରି ଧାନବନ୍ଧୁର ପତ୍ନୀ ପରୀପରିବେଶ ହୋଇ ବିଶ୍ୱନାଥର ଶଯ୍ୟାପାର୍ଶ୍ୱରେ ବସି କହିଲା—ଏତିକି ବେଳୁ କଣ ଶୋଇ ପଡ଼ିଲଣି ?

ବିଶ୍ୱନାଥ ଶେଜରୁ ଉଠି କିଛି କହିବା ପୂର୍ବରୁ ଅନୁଭବ କଲା ତା ମୁହଁ ଉପରେ ଗୋଟିଏ ସୁନ୍ଦର ଗୋଲ କୋମଳ ସୁବାସିତ ମୁଖର ମଧୁର ମୃଦୁ ସ୍ପର୍ଶ । ବିଶ୍ୱନାଥ ଠିକ୍ ଅନୁଭବ କଲା – ନାରୀର ଆବେଦନ କେବେ ବିଫଳ ହୁଏନା ।

ଦଶବର୍ଷ ପରେ ପୁଣି ବିଶ୍ୱନାଥ ଆଜି ସେଇପରି ଗୋଟିଏ କାମାତୁର ଅତୃପ୍ତା ରମଣୀର ମାୟା ଡୋରିରେ ବନ୍ଧା ହେବାକୁ ଯାଉଛି । ଗତ ଜୀବନର ତିକ୍ତ କାହାଣୀ ସେ ଭୁଲି ଯାଇଛି । କାହାରିକୁ ସେ ଆପଣାର କରି ପାରିନି । କେହି ବି ତାକୁ ଆପଣାର କରିବା କଥା ଚିନ୍ତା କରିନାହାନ୍ତି । ନିଜର ପତ୍ନୀର ମୁହଁରେ ସେ ଯେଉଁ ତୃପ୍ତି ଲକ୍ଷ କରିଛି, ତା ସେ କେବେ ସେମାନଙ୍କ ନିକଟରେ ଲକ୍ଷକରି ନଥିଲା । ବୀଣା ବା ସେଥିରୁ ବାଦ ଯିବ କାହିଁକି ? ଦୁଇଦିନ ଲାଗି କୁଣିଆ କରିବାକୁ ଚାହୁଁଛି ।

ବୀଣାର ସୌନ୍ଦର୍ଯ୍ୟରେ ବିଶ୍ୱନାଥ ମନ୍ତ୍ରମୁଗ୍ଧ ସର୍ପ ପରି ମୋହିତ ହୋଇଛନ୍ତି । ବୀଣାର ରୂପାଗ୍ନି ତାର ମନକୁଟୀରକୁ ଜାଳି ପୋଡ଼ି ଦେବାଲାଗି ଲାଳସା ଜିହ୍ୱା ବିସ୍ତାର କରି ଅପେକ୍ଷା କରିଛି । ଏକପଟରେ ବୀଣାର ମୋହ, ଅନ୍ୟ ପଟରେ ନିଜର ଦାମ୍ପଖୁସିର

ପରିବାର । ବନ୍ଧୁ ଭିକ୍ଷୁ ନାସ୍ତିର ରୂପ ନିକଟରେ ଆତ୍ମସମ୍ମାନ ଆତ୍ମଶାନ୍ତିର ବଳିଦାନ ବିଶ୍ୱନାଥ ପସନ୍ଦ କରେନି ।

ବିଶ୍ୱନାଥ ନିଜେ ଗମ୍ଭୀର ହୋଇଉଠେ । ବୀଣାର ଚପଳାମୀର ସାହାଯ୍ୟ କରି ତାର ସତ୍ତ୍ୱକୁ ନିମ୍ନ କରି ଦେବା ଲାଗି ସେ କାମନା ରଖିନି । ଯଥାସମ୍ଭବ ବୀଣାର ଭାଇକୁ ମନା କରି ଯାଉଛି ।

ବୀଣା ବିଶ୍ୱନାଥର ଦୁର୍ବଳତା ଲକ୍ଷ କରେ । ଆଶା ନିରାଶାର ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ସେ ବିଚଳିତା ହୁଏ । ତାର ପ୍ରଣୟ ନିବେଦନ କଣ ବିଫଳ ହେବ ? ସନ୍ଦେହ ହୁଏ ତାର । ପୁରୁଷ ସର୍ବଦା ନାରୀକୁ ଉତ୍ତେଜିତ—ଉତ୍ଫୁଲ୍ଲିତ କରାଏ । ପ୍ରଣୟୀ ମୁଖରୁ ପ୍ରେମକଥା ଶୁଣିବା ପାଇଁ ଶତଚେଷ୍ଟା କରେ । କଟାକ୍ଷ ଘାତରେ ହୃଦୟ ଚମକେ । କିନ୍ତୁ ବୀଣା ଏକ ବ୍ୟତିକ୍ରମ ।

ବିଶ୍ୱନାଥ ବୀଣାକୁ ପିଲାଦିନୁ ଦେଖିଛି । ତାର ଶାରୀରିକ ରୂପଶ୍ରୀ ନିମ୍ନ ବିକାଶ ଲୁବ୍ଧ ନୟନରେ ଲକ୍ଷ କରିଛି । ଅପରିଣତ ବୟସର ମାନସ ପ୍ରତିମା ଆଜି ତାର ଏକାନ୍ତ ନିକଟରେ, ତଥାପି ବିଶ୍ୱନାଥ ଆଜି ତୁଚ୍ଛକୁ ପଥର କରିଛି । ତା ଦୃଷ୍ଟିରେ ପ୍ରେମ ଓ ବିବାହ ଦୁଇଟି ସ୍ୱତନ୍ତ୍ର ବ୍ୟବସ୍ଥା । ବୈବାହିକ ଜୀବନରେ ସୃଷ୍ଟି ଅଶୋଭନୀୟ, ଅସୁନ୍ଦର ।

ବେଳେ ବେଳେ ବୀଣା ବିଶ୍ୱନାଥର ନିରବତାରେ ଅସନ୍ତୁଷ୍ଟ ହୋଇ ଉଠେ । ଅବାନ୍ତର ପ୍ରଶ୍ନ ପଚାରି ବସେ । ମେସିନ୍ ବନ୍ଦ କରି ଆଗକୁ ଝୁଙ୍କି; ଓଠରେ ସ୍ମିତହାସ୍ୟ ଉକୁଟାଇ କହେ—କଣ ଭଲ ଲାଗୁନି ? ଚା ଟିକିଏ ଆଣିବି ?

ବିଶ୍ୱନାଥର ଉତ୍ତର ଶୁଣୁ ନଶୁଣୁ ବୀଣା ତଳକୁ ଯାଇ ହାଙ୍ଗେ ସାଙ୍ଗେ ଚା କପେ ତିଆରି କରି ନେଇଆସେ । ଚା କପ୍ ନିଃସୃତ ଧୂମଶିଖା ସଙ୍ଗେ ବିଶ୍ୱନାଥର ଚିନ୍ତାଧାରା ଧୂଆଁଳିଆ ହୋଇଯାଏ—

ପ୍ରେମ ଯଦି ସ୍ୱର୍ଗୀୟ, ସ୍ୱର୍ଗ ଯଦି ଥାଏ ତାର ସତ୍ତା କିଣ ବିଶ୍ୱନାଥ ବୁଝିପାରେନା ? ସ୍ୱର୍ଗ ଯଦି ଦେବତା ଓ ସୁନ୍ଦରୀ ଅପ୍ସରା ମାନଙ୍କର କ୍ରୀଡ଼ାଭୂମି ହୋଇଥାଏ, ତେବେ ସ୍ୱର୍ଗର ଆଦର୍ଶ ମାନବ ପକ୍ଷେ ଅନୁକରଣୀୟ—ଆକାଂକ୍ଷିତ ।

ବିଶ୍ୱନାଥ ଚିନ୍ତାକରେ ଦୂର ଅତୀତର କଥା—ତାକୁ ଦେଖାଯାଏ ସୁନ୍ଦର ବାଲ୍ୟ । ନିଶଦାଢ଼ି ଉଠି ନଥାଏ । ଚିକ୍କଣିଆ ଚିବୁକଦ୍ୱୟରେ ହସର ଲହରୀ ଛୁଟେ । କଥା କଥାକେ ଚାଞ୍ଚଲ୍ୟ ଓ ପରିହାସର ସଙ୍କେତ । ପ୍ରାକ୍ ଯୌବନର 'ଅସଂଯତ ଭାବଭଙ୍ଗୀ । ଗ୍ରାମ୍ୟ ବାଳିକା ପ୍ରିୟ ସଙ୍ଗୀମାନଙ୍କରେ କଇଁଫୁଲ ତୋଳି ସେ ହୁଏ ଆଦୃତ । ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଅବକାଂକ୍ଷିତା ଯୁବତୀ ମାନଙ୍କୁ ମନଭରି ଉପଭୋଗ କରି ପାରୁଥିଲା । ସେତେବେଳେ ଥିଲା ଅଦମ୍ୟ ସାହାସ, ନଥିଲା ସାମାଜିକ କଟକଣା ଓ ପାରିବାରିକ ଦାୟିତ୍ୱ ।

ସ୍ଥିର ସଂଯତ ଜୀବନ ଏବେ ତାର ସୁନ୍ଦର ସୁଖମୟ ହୋଇଛି । ପ୍ରେମ ମଦିରାପାନ କରି ସେ ମାତାଲ ହେବାକୁ ଚାହେଁନା ।

କିନ୍ତୁ ମିଳନପିପାସୀ ମନଟାକୁ କରିଛି ତୃଷାର୍ତ୍ତ । ସେ ବୁଝୁନି ସାମାଜିକ କଟକଣା । ମନ ହୃଦୟକୁ ତାର ଚିହାରି କରୁଛି । ଦିନକର ଘଟଣା ଦୁହିଁଙ୍କୁ ଚମକିତ କରିଦେଲା । ସେଦିନ ସକାଳ । କାର୍ତ୍ତିକ ମାସର ଶୀତଯୋଗୁ ଗାଁ ରାସ୍ତା ନିଛାଟିଆ । ବାଣୀ ଘରରୁ ଉଠି ଚାହିଁଛି ବାହାରକୁ । ବାହାରେ ବିଶ୍ୱନାଥ ତା ଦାଣ୍ଡ ବାରଣ୍ଡାରେ ଠିଆ ହୋଇଛି । କାଖରେ ତାର ପ୍ଲେଟ ଝିଅ । ବାଣୀ ଅପଲକ ନୟନରେ ସେଇଆଡ଼େ ହିଁ ଚାହିଁଛି । ଏତେ ସକାଳୁ ବାଣୀର ବାପା ଆସି ଦେଖିଲେ—ବାଣୀ ଝରକା ପାଖରେ ନିଶ୍ଚଳଭାବରେ ଠିଆ ହୋଇଛି । ପାଖକୁ ଯାଇ ଦେଖିଲେ—ବିଶ୍ୱନାଥ ହିଁ ବାଣୀର ଲକ୍ଷ ।

ବୀଣାର ଅଲକ୍ଷରେ ଫେର ଆସିଲେ । ମନରେ ତାଙ୍କର ସନ୍ଦେହ— ଝିଅ ତାଙ୍କର ବର୍ତ୍ତମାନ ସ୍ୱାମିଠାରୁ ଦୂରରେ ଅଛି । ମନ ତାଙ୍କର ପାପ ଛୁଇଁଲା । ସାଙ୍ଗେ ସାଙ୍ଗେ ଆସି ସ୍ତ୍ରୀଙ୍କୁ କହିଲେ ବୀଣାର ସିଲେଇ ଶିକ୍ଷା ବନ୍ଦ କରିଦେବା ଲାଗି । ବୀଣାର ବୋଉ ଖୁସି ହେଲେ । ଏଣିକି ଅନ୍ତତଃ ବୀଣା ତାଙ୍କୁ କଣ୍ଟିତ କାମରେ ସାହାଯ୍ୟ କରିବ । ବୀଣା ତା ସାନଭଉଣୀଠୁ ବୁଝିଲା ଏ ପ୍ରସ୍ତାବର ଉଦ୍ଦେଶ୍ୟ ।

ମାର୍ଗଶୀର ଅପରାହ୍ନ । ଅସ୍ତାଚଳେ କନକଷ୍ଟରେ ସୂର୍ଯ୍ୟ ତର ତର ହେଉଛନ୍ତି ବିଦାୟ ନେବାଲାଗି । ବୀଣା ନିଜ ଶୋଇବା ଘରେ ତୂଷ ହୋଇ ବସିଛି । ଗୋରା ମୁଖ ମଣ୍ଡଳରେ ମଳିନତାର ସ୍ପଷ୍ଟ ଆଭାସ । ଘାତ ପ୍ରତିଘାତ ମଧ୍ୟରେ ହୃଦୟ ଦୃଢ଼ହୁଏ, ମନର ସାହାସ ବଢ଼େ, ବିଦ୍ରୋହ କରି ମନର ମଣିଷକୁ ଆପଣାର କରିବାକୁ ଇଚ୍ଛାହୁଏ । ବିଶ୍ୱନାଥର ଅନୁପସ୍ଥିତି ବୀଣାର କୋମଳ ତନୁରେ ଦେଉଛି ଗୁରୁ ଆଘାତ, ସ୍ୱାମୀ ତାର ସୁନ୍ଦର ଶିକ୍ଷିତ ଭଦ୍ର ତଥାପି ବିଶ୍ୱନାଥର ଆସନ ବୀଣାର ହୃଦୟରେ ଅତି ଉଚ୍ଚରେ । ବୀଣା ଜାଣେ ବିଶ୍ୱନାଥ ସ୍ଥିର ସଂଯତ । ଭୁଲରେ ସେ ବୀଣାର ଅଙ୍ଗ ସ୍ପର୍ଶ କରିନ । ପାଇଲେ ପଦାର୍ଥ ପ୍ରତି ଲୋଭ ଉଠେନା, ମମତା ଉଠେନି, ନପାଇବା ପର୍ଯ୍ୟନ୍ତ ମନ ଛଟ ପଟ ହେଉଥାଏ । ବିଶ୍ୱନାଥର ଉଚ୍ଚ ଆଦର୍ଶ ବୀଣାକୁ ଦୁଃଖିନୀ କରିଏ, ଅନ୍ୟଥା ବିଶ୍ୱନାଥ ଦୋଷୀ ହେଉଛି ।

"ମୁଁ ତମକୁ ଭଲ ପାଏ" । ତମେ 'ସୁନ୍ଦରି' ଇତ୍ୟାଦି ସ୍ତ୍ରୀ ଖୋସାମତ ବିଶ୍ୱନାଥ କରନ୍ତି, କଥା କଥାକେ ହସିଯାଇ ବୀଣାକୁ

ଆପଣାର କରିବାକୁ ଚେଷ୍ଟା କରନ୍ତି । ଏମିତି ଅବସ୍ଥାରେ ସେମାନେ ସେ ସନ୍ଦେହର ପାତ୍ର ହେଲେ ଏଥିପାଇଁ ବୀଣା ଦୁଃଖିତା ହାସ୍ୟ ମୟୀ ବୀଣା ଆଜି ମୂକ ।

ବୀଣାର ସାନଭଉଣୀ ବାଣୀ ଅପାର ଏ ଗମ୍ଭୀରତାରେ ବିସ୍ମିତା ହୋଇଛି । ସେ ପ୍ରଥମରୁ ହିଁ ବିଶ୍ୱନାଥକୁ ଲକ୍ଷକରିଛି, ବୀଣାକୁ ଲକ୍ଷକରିଛି କିନ୍ତୁ ଦେଖିନି କୋଉଦିନ କୌଣସି ବ୍ୟତିକ୍ରମ ।

ବାଣୀ ଚଉଦ ବରଷର ଝିଅ । ଶ୍ୟାମଳ ଦେହଲତା ସୁଗଠିତା ଯୌବନର ପାଦଦେଶରେ ପଦାର୍ପଣ ସେ କଳ୍ପନା କରେନା ଜବାବ ଚଉଠି ଘଣ୍ଟା । ହସ ଖେଳ କଟେଇ ଦେବାର ତାର ଅବସର । କୁମାରୀ ଜୀବନ ସୁଖମୟ, ସରସ ଆଉ ଉପଭୋଗ୍ୟ ଜୀବନରୁମାଲ ଖଣ୍ଡି ନିକଟରେ ଠିଆହୋଇ ଅଣ୍ଟାକୁ ଝୁଙ୍କିବାରେ ଅଛି ମାଦକତା ନିଜର ଶାରୀରିକ ପରିବର୍ତ୍ତନକୁ ଲକ୍ଷ୍ୟକରିବାରେ ଅଛି ଆଗ୍ରହ ।

ବୀଣାର ତନ୍ମୟତା ଭଙ୍ଗ କରି ବାଣୀ ଉଚ୍ଚସ୍ୱରରେ କହିଲା— ଆସିଲେଣି ଲୋ ନାନୀ ।

ଚମକି ଉଠିଲା ବୀଣା । ହସି ହସି ବାଣୀ ଖଟ ଉପରେ ଲୋଟିଗଲା । ଛଇଳ ଛପଳ ପାହାଡ଼ ଝରଣାର ପରି ସ୍ୱଚ୍ଛନ୍ଦ ଚଞ୍ଚଳଣୀ ବାଣୀ । ହସର ଢେଉ ଉଠେଇ କହିଲା— ତୋର ପେଇମ ।

ବିରକ୍ତରେ ବୀଣା କହିଲା—ଯାଃ ଲୋ ହେଲାପଣ, ଇମିତ କାହିଁକି ହେଉଚୁ ।

ପୁଣି ସେଇ ଉଚ୍ଛୁଳା ହସ—ମୁ କଣ ତୋର୍ ଘର ନେଇ ଯାଉଛନ୍ତିନେ ? ତୋର ତ ସେ ଗୋଟାକଯାକ । ପୁଣି ହସି ହସି ବାଣୀ ଲୋଟିଗଲା ବୀଣାର କୋଳରେ । ତା ଓଣ୍ଠରେ ହାତ ଦୁଇଟି

ଝୁଡେଉର ଆଖି କଜ୍ଜଳ—ଅଖା ଚଟେ ସେ କଣ ଭଲ ଲାଗନ୍ତନ ? ବେଶେତୁ ସୁନ୍ଦର ।

ସାଣ୍ଡା ମନର କେଉଁ ଅଭୁତ କୋଠରୀର ଗୁପ୍ତଧନ ପ୍ରକାଶିତ ହୋଇଗଲା—ସେତ ଜିଷ୍ଟସ୍ଟୁ ଭଲ, ବନ୍ଧୁତ ପାଠ ପଢ଼ି ଛନ୍ତି ; ସୁନ୍ଦର ସ୍ୱାସ୍ଥ୍ୟବାନ କିନ୍ତୁ ଉଦାସ ।

ଉଦାସିନତା ପ୍ରାଣୀରେ ଆଣେ ଅବସାଦ ଆଉ ନିରୁତ୍ସାହିତା । ସଂଯୋଗ ଲାଳସି ସାଣ୍ଡାର ମନରେ ରାମକୃଷ୍ଣର ଔଦାସୀନ୍ୟ ସୃଷ୍ଟି କରେ ଅଶାନ୍ତ ଆଉ ବିରକ୍ତ ।

ଘୁଙ୍ଗୀ ବାଣ୍ଡୀର ଚପଳାମୀ  କଣ ଏତେ ଭାବୁଚନ୍ତ, ଓ ସୁନୁ ? ବୋଉ ପଞ୍ଝ ଉଠେଇଛି ।

ବିଶ୍ୱନାଥ ସ୍ତ୍ରୀ ସିନେମାର ଟିକଟ ବନ୍ଦହେବାର ପ୍ରସ୍ତୁଣଲେ ଉତ୍ତର ଦାଆନ୍ତି—ଗୁରୁମାସ ପାଇଁତ କଥାଟିଏ । ସ୍ୱାମୀଙ୍କ ସ୍ତ୍ରୀ ବିଶ୍ୱନାଥ କଥାରେ ବିଶ୍ୱାସ କରେ । ମନେ ମନେ ଭାବେ ଭଲ ହେଲା ।

ଫଟିଷର ବାହାରଟା ଦେଖି ସମସ୍ତେ ଅନୁମାନ କରନ୍ତି ଅନେକ କଥା । ଅନେକ ମନ୍ତବ୍ୟ ବି ପ୍ରକାଶ କରନ୍ତି । କିନ୍ତୁ ମନ ଭିତରଟା ଏକ ଅବୋଧ ବାକ୍ୟ । ବିଶ୍ୱନାଥର ବନ୍ଧୁମାନେ ଖୁସି ହେଉଚନ୍ତି—କାର୍ଡ଼ ଖେଳଟା ଏଥର ଜମିବ । ବିଶ୍ୱନାଥର ପିଲାଏ ଖୁସି—ସନ୍ଧ୍ୟାବେଳେ ବାପାଙ୍କ ପାଖରେ ବସି ଖୁଦିତପ କରିହେବ । ସ୍ତ୍ରୀ ବି ଖୁସି—ପାଖରେ ବସି ଅନ୍ତତଃ ଖୁଦିଗପ କରିହେବ ।

ଶଯ୍ୟନ କକ୍ଷରେ ସ୍ତ୍ରୀର ଆକାଂକ୍ଷା ପ୍ରଥମ ଯୌବନରେ ଅତି ପୀଡ଼ାଦାୟକ । ପ୍ରାଣ ଖୋଜୁଥାଏ ନିବିଡ଼ ଆଶ୍ଳେଷ, କିନ୍ତୁ ପାରିବାରିକ ଜଂଜାଳ ସୃଷ୍ଟି କରେ ପ୍ରତିବନ୍ଧକ ।

ବୀଣା ଚେତେଣି ଶୋଇଥାଇ ଘରପାଖ ବାରଣ୍ଡାରେ ବସିଛି । ସ୍ୱାମୀର ମିଳନ ଆଶାରେ ଗ୍ରନ୍ଥିରେ ତାର ସ୍ପନ୍ଦନ । ରାମକୃଷ୍ଣ ସଙ୍ଗେ ବୀଣାର ପରିଚୟ ଅନେକ ଦିନରୁ ଅନେକ ଦିନର । ଅପରିପକ୍ୱ ବୟସରୁ ପରସ୍ପର ପରିଚିତ । ରାମକୃଷ୍ଣ ପ୍ରଥମ ଦର୍ଶନରୁ ହିଁ ବୀଣାକୁ ଭଲପାଉଥିଲା ଏବଂ ପରେ ତାକୁ ହିଁ ବିବାହ କରିଥିଲା । କିନ୍ତୁ ବିବାହ ପୂର୍ବରୁ କେବେ ନିର୍ଜନ ସାକ୍ଷାତରେ ପାର୍ଶ୍ୱ ସମସ୍ତ ଆଳାପ ମଧ୍ୟରେ ନିଜର ଦୁର୍ବଳତା ପ୍ରକାଶ କରିନଥିଲା । ଜାଣିଶୁଣି ବୀଣାକୁ ସ୍ପର୍ଶ କରିନଥିଲା । ଶରୀରରେ ତାର କଦମ୍ବଫୁଲ ସୃଷ୍ଟି କରିନଥିଲା । ବୀଣାର କୋମଳ ଅଙ୍ଗଲତାରେ ବୁଝାଇ ନଥିଲା ପ୍ରୀତି ଚହଟ ।

ରାମକୃଷ୍ଣ ବୀଣା ଭାଇର ଅନ୍ତରଙ୍ଗ ବନ୍ଧୁ ଏବଂ ତାର ଏ ପରିବାର ସହିତ ସଂପର୍କ ପୁରାତନ । ତାର ଉପସ୍ଥିତିରେ ବୀଣା ପ୍ରାଣରେ ଉଠିଥିଲା ପ୍ରଣୟ ଝଂକାର । ଆଜି ସେ ଚାହିଁଥିଲା ଚୁପ୍ ଚୁପ୍ ଦୁଃଖସୁଖ ଆଉ ନିବିଡ଼ ଆଶ୍ଳେଷ । କିନ୍ତୁ ଗମ୍ଭୀର ରାମକୃଷ୍ଣ ଚାହିଁନଥିଲା ଅସାମାଜିକ ଚଳଣି । ବିବାହ ପୂର୍ବରୁ ବୀଣା ସଙ୍ଗେ ମିଶି ସେ ଚାହିଁନଥିଲା ଦୁଇ ପରିବାରରେ ବୁହାଇବାପାଇଁ ଅକାଳ ଝଡ଼ । ବିବାହପରେ ରାମକୃଷ୍ଣ ବନ୍ଧୁ ଓ ବୋହୂକୁ ସମାନ ଅଧିକାର ଦେଇଥିଲା । ଉଭୟଙ୍କୁ ସେ ଭଲ ପାଉଥିଲା । ବୀଣା କିନ୍ତୁ ଭୁଲ ବୁଝିଥିଲା । ସାମୟିକ ବିରହରେ ଲାଗିପଡ଼ି ବିଶ୍ୱନାଥକୁ ଆପଣାର କରିବାକୁ ଚାହିଁଥିଲା ।

ବୀଣା ଚାହିଁଥିଲା ବିଶ୍ୱନାଥ ଓ ରାମକୃଷ୍ଣଙ୍କୁ ନିଜର ନିହାତି ନିକଟରେ ରଖିବାପାଇଁ । ଦୁହିଁଙ୍କ କାମନା ସେ ପୂରଣ କରିଆନ୍ତା ।

ରାମକୃଷ୍ଣଠାରୁ ପାଉଥିଲା ଅର୍ଥନୈତିକ ସ୍ୱଚ୍ଛଳତା ଆଉ ସ୍ୱାମୀ ସୁଲଭ ସ୍ନେହ ଆଦର । ବିଶ୍ୱନାଥଠାରୁ ପାଉଥିଲା ଶାରୀରିକ ଜ୍ୱଳନର ଶାନ୍ତିବାରି । କିନ୍ତୁ ବିଶ୍ୱନାଥର ଅନୁପସ୍ଥିତି ଏବଂ ଔଦାସିନ୍ୟ ବୀଣାକୁ ବାଟକୁ ଫେରେଇ ଆଣିଛି । ବୀଣାର ଅନ୍ତରରେ ଏବେ କେବଳ ରାମକୃଷ୍ଣଙ୍କ ପ୍ରତିବିମ୍ବିତ

ବୀଣା ଉଠିଲା । ବୋଉ ଖୁଡ଼ୀ ତାର ଶୋଇବାକୁ ଗଲେଣି । ରାତି ବଢ଼ି ଆସୁଛି । ଚନ୍ଦ୍ର ପଶ୍ଚିମ ଆକାଶ କୋଳରେ କେତେବେଳୁ ଘୁମେଇ ପଡ଼ିଲେଣି ।

ମଣିଷ ସାମାଜିକ ପ୍ରାଣୀ ହେଣୁ ବେଳେ ବେଳେ ବାଧ୍ୟ ହୋଇ ସାମାଜିକ ନୀତି ମାନେ । ସାମାଜିକ ରାଜପଥ ହେଲା ଶୃଙ୍ଖଳିତ ମଣିଷ କୃତ ଆଇନ ବେଲଟ୍ । ସାମାଜିକ ଚରଦାନ୍ତରାଳରେ ଯାହା କିଛି ଘଟି ଯାଉଛି ତାର ହିସାବ ଖାତା ନାହିଁ ।

ବୀଣା ଘରଭିତରର ନୀରବତା ଭଙ୍ଗ କରି ରାମକୃଷ୍ଣ ନିକଟକୁ ଗଲା ।

ରାମକୃଷ୍ଣ ନିଜର ଉଚ୍ଚ ଶିକ୍ଷାର ମୋହରେ ପାଗଳ । ସମାଜରେ ସୁପ୍ରତିଷ୍ଠିତ ସ୍ଥାନ ଅଧିକାର କରିବା ନିମନ୍ତେ କରୁଛି ସେ ଅକ୍ଳାନ୍ତ ଚେଷ୍ଟା । ବୀଣାକୁ ଭଲପାଏ କିନ୍ତୁ ବୁଝିବାକୁ ଚେଷ୍ଟା କରେନି ତାର ମନ କାବ୍ୟର ଅବୋଧ ଅପ୍ରକାଶିତ ଅର୍ଥ ।

ବୀଣା ଆସିବା ପୂର୍ବରୁ ଏକାକୀ ବସି ବସି ଅଡୁଆ ଲାଗିବାରୁ ବୀଣାକୁ ଟେବୁଲ ଉପରେ ଥିବା ବହି ଗୁଡ଼ିକ ଏପଟ ସେପଟ କରୁ କରୁ ଖଣ୍ଡେ ସାଦା କାଗଜ ପାଇଲା । ସେଥିରେ କେବଳ ଦୁଇଟି ଶବ୍ଦ ଲେଖାଅଛି ଚିଠିର ଆରମ୍ଭ ପରି ଜଣା ପଡ଼ୁଛି । କାଗଜ ଖଣ୍ଡିକର ପ୍ରଥମରୁ ଲେଖା ଅଛି—ସ୍ନେହର ବିଶ୍ୱନାଥ ବାବୁ । ଆଉ କିଛି

ଲେଖା ନାହିଁ । ଗାଣ୍ଟା ଲେଖିବ ଚିଠିଟି ଆରମ୍ଭ ହୋଇ ବନ୍ଦ ହୋଇ ଯାଇଛି ।

ରାମକୃଷ୍ଣ ଅସ୍ୱସ୍ତି ଅନୁଭବ କଲା । ଗାଣ୍ଟା ତାର ଧର୍ମପତ୍ନୀ, ବିଶ୍ୱନାଥ ପାଖକୁ କାହିଁକି ଚିଠି ଲେଖିବ ? ତା ନିମିତ୍ତ ଗ୍ରହଣ କରି ନେବା ନିମନ୍ତେ ରାମକୃଷ୍ଣ ପ୍ରସ୍ତୁତ ନୁହେଁ । ବିବାହିତା ପତ୍ନୀ ଉପରେ ସ୍ୱାମୀର ଷୋଳପଣ ଅଧିକାର । ତାର ସେ ଏକାନ୍ତ ଆପଣାର ।

ରାମକୃଷ୍ଣ ଭାବୁଥିଲା ଅନେକ କଥା । ଆତ୍ମତୃପ୍ତା ରମଣୀ ଶାଶୂ, ଶ୍ୱଶୁର, ସ୍ୱାମୀ ଏବଂ ବନ୍ଧୁ ପରିଜନଙ୍କ ଅଂଗୋଚରରେ ତୃପ୍ତି କରେ ନିଜର କାମନା ଏକାନ୍ତ ଗୋପନରେ ଯେ ଧରାପଡ଼େ ସେ ହୁଏ ସମାଜଚ୍ୟୁତ । କିନ୍ତୁ ଯେ ଲୁଚେଇ ପାରେ ସେ ନିଜର ସଖିତ୍ୱର ବାହାଦୁରୀ ନିଏ । ସ୍ୱାମୀର ମୁଣ୍ଡ ଛୁଇଁ ଶପଥ କରିବାକୁ ପଛେଇ ଯାଏନି ।

ଦୁଃଶ୍ଚିନ୍ତାର ଅନ୍ଧକାର କ୍ରମେ ଆପାଦ ମସ୍ତକ ତାର ଗ୍ରାସିଲା ହୋଇଗଲା । ହୃଦୟ ସାଗରରେ ସନ୍ଦେହ ନିମିତ୍ତ ଅଶାନ୍ତ ତୋମା ବିସ୍ଫୋରଣ ହେଲା । ଗାଣ୍ଟାର ସରଳ ସୁନ୍ଦର ମୁଖମଣ୍ଡଳରେ ଯେ ବିଷକୁମ୍ଭ ଆସ୍ଥାନ ଜମେଇ ପାରିବ ରାମକୃଷ୍ଣ ସେକଥା କଳ୍ପନା କରି ପାରୁନଥିଲେ ।

ରାମକୃଷ୍ଣର ମନ କୈଳାସରେ ଘୃଣାର ତାଣ୍ଡବ ଆରମ୍ଭ ହେଲା । ସେ ତଡ଼ିତ୍ ବେଗରେ ଟେବୁଲ ନିକଟରୁ ଉଠି ଗୁହିଁ ଦେଖିଲା, ଗାଣ୍ଟା ଦୁଆର ମୁହଁରେ ଠିଆ ହୋଇଛି । ଗାଣ୍ଟାର ନାଲି ଓଠ, ସରୁ ନାକ, ଚିକ୍କଣ କପାଳ, ଲୋଭନୀୟ ସ୍ୱାସ୍ଥ୍ୟ ଏବଂ କମନୀୟ ପରିପାଟୀ ଆଦି ରାମକୃଷ୍ଣ ହୃଦୟରେ ସମ୍ମାନର ସହିତ ଗୃହୀତ ହୋଇ ପାରିଲାନି । ହସ ତାର ବିଦ୍ରୂପ ଭରି ବୋଧ ହେଲା । ରାମକୃଷ୍ଣ

କିଂକର୍ତ୍ତବ୍ୟବିମୂଢ଼ ହୋଇ ବୀଣାର ମୁହଁକୁ ଚାହିଁ ରହିଲା । ବୀଣା ହସି ହସି କହିଲା—କଣ ଏତେ ଦେଖୁଛ ?

ରାମକୃଷ୍ଣର ସ୍ୱଭାବ ଗମ୍ଭୀର ମୁଖ ଆହୁରି ବୀଣାକୁ ଗମ୍ଭୀର ଦେଖାଗଲା । ସେ ମନେ ମନେ ବିପଦ ଗଣିଲା । ପାଖକୁ ଯାଇ କିଛି କହିବା ପୂର୍ବରୁ ଦେଖିଲା—ରାମକୃଷ୍ଣ ହାତରେ ସେଇ କାଗଜ ଖଣ୍ଡିକ । ମୁହୂର୍ତ୍ତକ ମଧ୍ୟରେ ବୀଣା ହୃଦୟରେ ସଞ୍ଚରିଗଲା ଘଟଣାର ଗୁରୁତ୍ୱ ।

ଅବସ୍ଥାକୁ ସମ୍ଭାଳି ନେବା ଲାଗି ବୀଣା କହିଲା—ଏଇଥିପାଇଁ ଏତେ ଗମ୍ଭୀର ? ଆସ ମୁଁ ବୁଝାଇ ଦେଉଛି ।

ରାମକୃଷ୍ଣ ପୂର୍ବଥର ଅଭିମିକା ଧରି ବୀଣାର କଥା ଶୁଣିବାକୁ ପ୍ରସ୍ତୁତ ନଥିଲା । ଈର୍ଷାର ପରିବର୍ତ୍ତେ ଅବହେଳତା ବେଶୀ ମାତ୍ରାରେ ତାର ମନ ରାଜ୍ୟକୁ ଦଖଲ କରି ସାରିଥିଲା । ସେ ଅପେକ୍ଷା ନକରି ହଠାତ୍ କହିଲା—ବାପଘରେ ରହି ଯଦି ସୁଖ ପାଇବାକୁ ଇଚ୍ଛା, ତେବେ ମୋର ଆପତ୍ତି ନାହିଁ ।

ବୀଣା କିଛି କହିବା ପୂର୍ବରୁ ରାମକୃଷ୍ଣ କକ୍ଷ ତ୍ୟାଗ କରି ଚାଲିଗଲା ।

ରୁଗ୍ଣା କ୍ରନ୍ଦନ ଶୁଣି ବାଣୀର ନିଦ ଭାଙ୍ଗି ଗଲା । ରାତ୍ରି ସେତେବେଳକୁ ପ୍ରାୟ ଶାନ୍ତ ଆସିଲାଣି । ବାଣୀ ଦେଖିଲା ତାର ପାଖରେ ଶୋଇ ବୀଣା କାନ୍ଦୁଛି । ବିଚରାକ ସେ କାନ୍ଦୁଛି । ଆଜ

ଯେପରି ତାର କାନ୍ଦ ବନ୍ଦ ହେବାର ନୁହେଁ । ରୁଦ୍ଧ ବେଦନା ଉନ୍ମୁକ୍ତ ହେଲା ଲଗାମ ହୀନ ଅଶ୍ୱ ପରି ଦୌଡ଼ିଛି ସୁଆତେ ତାର ଲୁହ । ବଣା କାନ୍ଦି କାନ୍ଦି ଗଳା ପଡ଼ି ଗଲାଣି । ଫୋଟକ ଭଳି ଆଖି ଦୁଇଟି ତାର ଫେଣ୍ଟା ପରି ଫୁଲି ଗଲାଣି ।

ବାଣୀ ସଳଖ ହୋଇ ଉଠି ବସିଲା । କିନ୍ତୁ ସେ କଳ୍ପନା କରିପାରୁନି ହଠାତ୍ । ନ.ଶ୍ୱର ସମ୍ବଳ ଅଶ୍ରୁ । ଦୁଃଖ ଦୁର୍ବିପାକ ଝଡ଼ ଝଞ୍ଜାର ଆଘାତ ସହ୍ୟ କରିବା ଯେତେବେଳେ ନାରୀପକ୍ଷେ ଅସମ୍ଭବ ହୋଇ ଉଠେ ସେତେବେଳେ ସେ ନିଜକୁ ନିସ୍ୱହାୟା ମନେକରି ବୁହାଏ କେବଳ ନୟନରୁ ଅଶ୍ରୁଧାର । ଦୁଃଖ ରାଶି ଅଶ୍ରୁଧାରରେ ଭୁସୁଡ଼ି ପଡେ । କ୍ଲାନ୍ତ ହୋଇଗଲେ ଧୀରେଁ ଧୀରେଁ କମି ଆସେ କ୍ରନ୍ଦନର ଗତି ଆଉ ନିଃସ୍ତେଜ ହୋଇ କମିଯାଏ ଦୁଃଖ ।

ପୁତ୍ର, କନ୍ୟା, ସ୍ୱାମୀ, ସ୍ତ୍ରୀ ଧରି ସଂସାର ବାନ୍ଧିଥିଲେ ନାରୀ ଓ ପୁରୁଷଙ୍କୁ କେତେବେଳେ ସହିବାକୁ ହୁଏ ସାମାଜିକ କଷାଘାତ । କିଏ ସାହାସ ବାନ୍ଧି ସହିବାକୁ ଚେଷ୍ଟାକରେ । କିଏ ଦୁଃଖରେ ଭାଙ୍ଗି ପଡ଼ି ଝରାଏ ଲୋତକ । ଅନ୍ୟର ଲୋତକ ଧାର କରୁନାସଙ୍କ ପ୍ରାଣରେ ସୃଷ୍ଟି କରେ ସମବେଦନା ଆଉ ତାର ପରିବର୍ତ୍ତେ ଅନ୍ୟମାନଙ୍କ ଆଖିରୁ ବହେ ଅଶ୍ରୁ । କାନ୍ଦିଲେ ଦୁଃଖ କମେ ।

ବାଣୀ ଆଖି ପୋଛି ଉପରକୁ ଚାହିଁ ଦେଖିଲା ରାମକୃଷ୍ଣ ଚାଲିଯିବା ଲାଗି ପ୍ରସ୍ତୁତ ହେଇଗଲେଣି । ଏତେବେଳକୁ ଅନୁମାନ କଲା ଅନେକ କିଛି । ବାଣୀ ଆତଙ୍କିତା ହେଲା । ରାମକୃଷ୍ଣଙ୍କୁ ଦେଖିଲେ ଚଗଲୀ ବାଣୀର ମୁହଁରେ ବାଡ଼ବତା ରହୁ ନଥିଲା । କିନ୍ତୁ ରାମକୃଷ୍ଣଙ୍କର ଗମ୍ଭୀର ମୁଖଦେଖି ବାଣୀ ମୂକ ପରି ଠିଆ ହୋଇ ରହିଲା ।

ରାମକୃଷ୍ଣର ଆକସ୍ମିକ ବଦାସ୍ତରେ ପରିବାରଟି ଉପରେ ଅଶାନ୍ତିର ଢେଉ ଖେଳି ଗଲା । ଜଣା ଗଲା ଯେପରି ସମସ୍ତଙ୍କର ବୟସ ପାଞ୍ଚ ଦଶ ବର୍ଷ ବଢ଼ି ଯାଇଛି । ବୀଣା ର ବାପାଙ୍କ ମନନସ୍ତୂନରେ ପ୍ରତିବିମ୍ବିତ ହେଲା ସେଇଦିନର ସେଇ ଦୃଶ୍ୟ—ବୀଣା ଓ ବିଶ୍ୱନାଥକୁ ଲୁହଁ ଝରିକା ପାଖେ ଠିଆ ହୋଇଥିଲା । ଅଭିସକାକୁ ମୁହଁରେ ଝଲକୁ ଥିଲା ଚେନାଏ ହସ । ଘରଟାରେ ଫୁଲ ଉଠିଲେ ବୀଣାର ବାପା । ବୀଣାର ବୋଉ ସାନ୍ତ୍ୱନା ଦେଇ କହିଲେ—ଏଇଥିରେ କ'ଣ ମୋ ଝିଅର ଇଜ୍ଜତ ନଷ୍ଟ ହୋଇଗଲା ?

ବୀଣା ସରଳ । ବୋଉର କୋଳ ଭିତରେ ମୁହଁ ପୂରେଇ କେବଳ କାନ୍ଦିବାକୁ ଲାଗିଲା ।

ହଇଲେ ତୁ ମରୁନୁ । ତୋର ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ସୁନ୍ଦର ଶିକ୍ଷିତ ଧନୀ ଯୁବକ ହସ୍ତରେ ଅର୍ପଣ କରାଯାଇ ଥିଲା କଣ ଆମ ଘରର ନାଁ ପକେଇବାକୁ ? ଏ କଦର୍ଯ୍ୟ ଲାଳସା ତୋର ହେଲା କିମିତି ?

ବାଇର ଏ କଟୂକ୍ତି ଶୁଣି ବୀଣା ଚୁପ୍ ହୋଇ ବସିଥାଏ । ଆଖିରୁ ତାର ଝରିଯାଉଥାଏ ଅଶ୍ରୁଧାର । ବୀଣା କିନ୍ତୁ ଠିକ୍ ଜାଣିଛି—ସେ କେତେ ଦୂର ଦୋଷୀ । ସେ କଥା ୧ ଜାଣେ ଆଉ ବିଶ୍ୱନାଥ ଜାଣେ । ସେ ଜାଣିଶୁଣି କୌଣସି ଦିନ ତା ଦେହରେ ହାତମାରି ନାହାନ୍ତି । ବଙ୍କା ଭାଷା ପ୍ରୟୋଗ କରିନାହାନ୍ତି । ରାମକୃଷ୍ଣ ଓ ବିଶ୍ୱନାଥ ମଧ୍ୟରେ ବୀଣା ଆଖିରେ ବିଶ୍ୱନାଥ ବର୍ତ୍ତମାନ ସମ୍ମାନପ୍ରଦ ।

ବୀଣାର ଭାଇ ଶିକ୍ଷା ଶେଷକୁ ଫେରିଗଲା । ପରିବାରର ସମସ୍ତଙ୍କର ମନ ବୀଣା ପ୍ରତି ଘୃଣାରେ ପୂର୍ଣ୍ଣ ହୋଇଗଲା । ତା ସଙ୍ଗେ ସଙ୍ଗେ ବିଶ୍ୱନାଥ ପ୍ରତି ଆସିଲା ବିରକ୍ତି । ବସ୍ତୁତଃ ବିଶ୍ୱନାଥର ଏ ଚପଳାମୀ ବୀଣାର ବାପାଙ୍କ ହୃଦୟରେ ଆଘାତ ଦେଇଛି । ବିଶ୍ୱନାଥ ପ୍ରତି ତାଙ୍କ ଯେଉଁ ସ୍ନେହ ବିଶ୍ୱାସ ଥିଲା ତା ଦୂର ହୋଇଯାଇଛି । ଅତି ସରଳ ଭାବରେ ଝିଅର ଦାୟିତ୍ୱ ସେ ବିଶ୍ୱନାଥ ହାତରେ ଛାଡ଼ି ଦେଇ ଥିଲେ । ଦୁଇଟି ସନ୍ତାନର ପିତା ବିଶ୍ୱନାଥ ବୀଣାକୁ ବିପଦଗାମିନୀ କରେଇବ ବୋଲି ସେ କଳ୍ପନା ବି କରିନଥିଲେ ।

ଠିକଲେ ସଂସ୍ତେ ଶିଖନ୍ତି । ପରିବାରର ଏ ଅଶାନ୍ତ ପରିବେଶ ମଧ୍ୟରେ ସମସ୍ତଙ୍କର ଆଖି ଖୋଲିଯାଇଛି । ବାଣୀ କିନ୍ତୁ ଭଉଣୀ ପାଖ ଛାଡ଼ୁନି । ଅପାର ଦୁଃଖର ନିଜକୁ ସମଦୁଃଖିନୀ କରିଛି ।

ତା' ପରଦିନ । ରାତି ପାହି ଆସୁଛି । ନିଦ୍ରାଦେବୀଙ୍କ ଉଷ୍ମ କୋଳରୁ ସୁପ୍ତିଭାରଣୀ ଆଖିମେଲି ନିରୀକ୍ଷଣ କରୁଛି ବିଶ୍ୱନିୟନ୍ତାଙ୍କ ଅପ୍ରାକୃତ ଲୀଳା । ଉଦୟାଚଳ ଶୃଙ୍ଗାଗ୍ରରୁ ଉଠି ଆସୁଥିବା ବାଳାରୁଣଙ୍କ ସୁନେଲି କିରଣମାଳା ପ୍ରକୃତିରାଣୀର ସବୁଜଶାଢ଼ୀ ପରେ ସୃଷ୍ଟି କରିଛି ରଙ୍ଗୀନ ସରଳରେଖା । ଗ୍ରାମ୍ୟବଧୂର ସଲଜ ସୁନ୍ଦର ମୁଖମଣ୍ଡଳରେ ଓଢ଼ଣୀଟାଣି ଚାଲିଛି ପୁଷ୍କରିଣୀ ଅଭିମୁଖେ ।

ବାଣୀ ଡର ଡର ହୋଇ ଶେଯରୁ ଉଠି ଦେଖିଲା ପାଖରେ ବୀଣା ନାହିଁ । ପାପ ଭାବନାରେ ମସ୍ତିଷ୍କ ତାର ଭାରାକ୍ରାନ୍ତ ହୋଇଉଠିଲା ସନ୍ଦେହୀ ମନ ଘେନି ବାଡ଼ିରେ ଥିବା ଶ୍ରେଷ୍ଠ ପୁଷ୍କରିଣୀ ନିକଟରେ ପହଞ୍ଚିଲା । ତାର ସନ୍ଦେହ ସତ୍ୟରେ ପରିଣତ ହେଲା । ବୀଣା ପୁଷ୍କରିଣୀ ଭିତରକୁ ଡେଇଁ ପଡ଼ିବାକୁ ଚେଷ୍ଟାକରୁଛି । କିଛି ଉପାୟ ନପାଇ ବାଣୀ ଚିତ୍କାର କଲା—ଅପା ।

ବୀଣା ପଛକୁ ଘୁଞ୍ଚି ବାଣୀକୁ ଦେଖି ଛେଇଁ ପଡ଼ୁ ପଡ଼ୁ ବାଣୀ ହାତରେ ତାର ଚିରା ଶାଢ଼ୀର ଅଗ୍ରଭାଗ ରହିଗଲା । ବିରହିଣୀ ଯାକ ଓଦା ସର ସର ହୋଇ ଉପରକୁ ଆସୁ ଆସୁ ବାଣୀ କହିଲା—ଛି ଅପା ।

ନିସହାୟତା ଅନୁଭବ କରି ବୀଣା କହିଲା—କଣ ଆଉ କରିଥାନ୍ତି ? ଅବହେଳିତ ଆଉ ଲାଞ୍ଛିତା ଜୀବନରେ ଆତ୍ମହତ୍ୟାହିଁ ଶ୍ରେଷ୍ଠ ପନ୍ଥା ।

ସାମାଜିକ ପାରିବାରିକ ଅବସ୍ଥା ହେତୁ ନାରୀ ଜୀବନରେ କେତେ ଦୁଃଖ ଯନ୍ତ୍ରଣାର ସୃଷ୍ଟିକାରୀ ପୁରୁଷ ଜାତିର ଖାମଖିଆଲି ଶାସନ ଚକ୍ର ତଳେ ନାରୀ ଯୁଗ ଯୁଗ ଧରି ହୋଇଛି ତାର କ୍ରୀତଦାସୀ । ପ୍ରତିବାଦ କରିବାଭଳି ଶକ୍ତିର ଅଭାବ । ତେଣୁ ସେ ବାଛିନିଏ ଅନ୍ତିମ ଯାତ୍ରାର ସୁଗମ ପଥ—ଆତ୍ମହତ୍ୟା ।

ବୀଣାର ଅପଚେଷ୍ଟା କଥା ତାର ଶୁଣିଲେ । ମା ସମ୍ମୁଖରେ ଉଗ୍ରଧମୁଖୀ ଚନ୍ଦ୍ରବଦନା, ଚରିତ୍ରହୀନା ସର୍ବନାଶକାରୀ । ଝିଅର ଭୁଲ ଲୁଚିବାକୁ ଚେଷ୍ଟା କରନ୍ତି ମା ମାନେ । ଆଶା ଆଶ୍ୱାସନାର ପ୍ରତିମୂର୍ତ୍ତି ମାତୃଜାତି ଅତିଶୀଘ୍ର ଭୁଲିଯାନ୍ତି ନିନ୍ଦା ଅପବାଦ ହିନ୍ଦ । ଝିଅକୁ କୋଳରେ ପୂରେଇ ମା କହିଲେ—ଏଇଥି ପାଇଁ ଏତେ ଚିନ୍ତା ? ବାପା ଜାଣନ୍ତୁ ଘରର ମାଲିକ । ସବୁବେଳେ ବିରକ୍ତ ହୁଅନ୍ତି ବୀଣା ଉପରେ ।

ଯେଉଁଦିନ ବୀଣା ଶାଶୁଘର ଲୋକ ଆସିଲେ ନେବାପାଇଁ ସେଦିନ ବୀଣାର ବାପା ବୋଉ ଦାଦା ଖୁଡ଼ୀ ଭାଇ ଭଉଣୀ ସମସ୍ତେ ଖୁସି ହେଲେ । ହୃଦୟ ସାଗରରେ ଆନନ୍ଦର ଲହରୀ ଖେଳିଗଲା । ବୀଣା ମନର ଦୁଃଶ୍ଚିନ୍ତା କିଛିଟା କମିଗଲା । ତଥାପି ମନେ ମନେ ଭାବୁଥାଏ—ସତେ କଣ ସେ କ୍ଷମା ଦେଇଛନ୍ତି ।

କେଶୀ ଖୁସୀ ହୋଇଛି ବିଶ୍ୱନାଥ ସମସ୍ତଙ୍କ ନୟନ ଅନ୍ତରାଳରେ ରହି ସେ ତୃପ୍ତିର ନିଶ୍ୱାସ ତ୍ୟାଗ କରୁଛି । ବୀଣାର ଜୀବନ ଆକାଶରେ ଅକାଳ ଝଡ଼ ଉଠିଥିଲା । ସେ ଝଡ଼ ପ୍ରଶମିତ ହେବାକୁ ଯାଉଛି ।

କିନ୍ତୁ ବୀଣା ଶାଶୁଘରକୁ ଯିବା ପରେ ବୁଝିଲା ତା ଜୀବନର ମୀନାର ଭୁଷୁଡ଼ି ପଡ଼ିଛି । ସ୍ନେହ ପରିବାରଟି ବାହାରକୁ ସରସ ଜଣାପଡ଼ିଲେ ବି ଭିତରଟା ପୋକଖିଆ ଗଛ ପରି ସାରଶୂନ୍ୟ ହୋଇଛି । ରାମକୃଷ୍ଣ ଦୁଇମାସ ହେବ ଘରକୁ ଆସି ନାହାନ୍ତି । ବାପ,ମା ଅଶାନ୍ତ ବାତାବରଣ ଭିତରେ ସମୟ କଟାଉଛନ୍ତି । ତର ବୈରାଗିଣୀ ଶାଶୁଙ୍କର ରୋଗ ବଢ଼ିବାକୁ ଲାଗିଲା । ସଦା ମୁଖର ରହସ୍ୟ ମୟୀ ନଣନ୍ଦ ସୁଚିତ୍ରା ମୂକହୋଇ ଯାଇଛି ।

ଏ ସବୁର କାରଣ ବୀଣା । ଏକଥା ବୀଣା ନିଜେଇ ଅନୁଭବ କରୁଛି, ଅନୁତାପ କରୁଛି । ଘରର ବଡବୋହୂ ସେ, କିନ୍ତୁ ରାମକୃଷ୍ଣର ଅବହେଳା ଓ ଅନୁପସ୍ଥିତିରେ ତାର ସ୍ଥାନର ଗୁରୁତ୍ୱ କମି ଯାଇଛି । ବୃଦ୍ଧ ଶଶୁର କହିବାକୁ କିଛି ନକହି ନିଜ ବ୍ୟବସାୟରେ

ମନ ହେଲେ । ସୁଚିତ୍ରା ଯେଉଁ ବୀଣାର ପାଖ ଛାଡ଼ିଲା ସେ ଦେଖିଲେ ଦୁରେଇ ଯାଉଛି ।

ବୀଣା ନିଜକୁ ନିହାତି ଏକାକିନୀ ଅନୁଭବ କରୁଛି । ସେହି ନିର୍ଜନତା ଭିତରେ ଶେଜରେ ଶୋଇ କାନ୍ଦି କାନ୍ଦି ତକିଆ ଭିଜାଉଛି । କୋମଳ ଶେଯ ତାକୁ କଣ୍ଟା ଫୋଡ଼ିଲା ପରି ଲାଗେ । କେବେ କେବେ ଶେଯରୁ ଉଠି ଆସି ବାଲକୋନିରେ ଠିଆ ହୁଏ । ଶୀତଳ ପବନରେ ବି ଶରୀର ତାର ଚନ୍ଦ୍ରାଗ୍ନିରେ ତାତି ଉଠେ । ମନେ ମନେ ଭାବେ—ପହିଲି ରାତିର ମଧୁର ଅନୁଭୂତି । ଅନ୍ଧାରରେ ଠିଆ ହୋଇ ଥିଲେ ରାମକୃଷ୍ଣ ଆସି କୁହନ୍ତି—ଅନ୍ଧାରରେ କାହିଁକି ଠିଆ ହୋଇଛ, ଘରକୁ ଆସ ?

ବୀଣାର କାନରେ ପ୍ରତିଧ୍ୱନିତ ହୁଏ ରାମକୃଷ୍ଣର କଅଁଳ ସମ୍ବୋଧନ । ବୀଣା ଭାଗ୍ୟକୁ ନିନ୍ଦେ ।

ଭାଗ୍ୟବାଦୀ ନିଜ ଦୋଷ ଦୁର୍ବଳତାକୁ ଭାଗ୍ୟ ଉପରେ ଛାଡ଼ିଦେଇ ନିଶ୍ଚିନ୍ତ ହୁଏ । ବୀଣା ଭାବିଥିଲା ଭୁଲ ତ୍ରୁଟି ଭୁଲି ଯାଇଛନ୍ତି ଆସିଲେ ବୁଝେଇ ହେବ । କିନ୍ତୁ ଆଶା ତାର ନିରାଶାରେ ପରିଣତ ହେଲା ।

ବୀଣା ବାପ ଘରକୁ ଗଲା । କନ୍ୟା ମାନଙ୍କର ଅଶାନ୍ତ ଜୀବନରେ ସ୍ନେହର ଝରଣାର ଉଚ୍ଛୁଳା ପ୍ରବାହ କେବଳ ବାପ ଘରେହିଁ ସମ୍ଭବ । ବାଲ୍ୟ ଜୀବନର ମଧୁମୟ ସ୍ମୃତି ପଖାଳା ମୁହୂର୍ତ୍ତଗୁଡ଼ି

ଆଣେ ସେମାନଙ୍କର ଅବସାଦ ବେଳାରେ ଶାନ୍ତିର ବାର୍ତ୍ତା । ଗାଁର ଘାଣି ପବନ, ସାଇ ପଡ଼ିଶା ସାଥି ସଙ୍ଗାତ ମେଳରେ ସେ ଭୁଲିଯାଏ ଜୀବନ ଖଣ୍ଡବର ଦହନ ।

ତାର ବଡ଼ଭଉଣୀ ବିଳାସ ଆସି ଥିଲା । ବିଳାସ ଠିକ୍ ବୀଣାର ଅନୁରୂପ ନହେଲେ ବି ଅସୁନ୍ଦରୀ ନୁହେଁ । ଶ୍ୟାମଳ ଦେହରେ ତାର ମାତୃତ୍ୱର ସ୍ପଷ୍ଟ ଆଭାସ । ପ୍ରଥମ ସନ୍ତାନର ସୃଷ୍ଟି ଲାଗି ସେ ପ୍ରସୁତା । କଥା କଥାକେ ସ୍ୱାମୀର ପ୍ରଶଂସା । ବୀଣା ଅପାକୁ ଦେଖେ । ତାର ଠୋ ଠୋ କଥା ଶୁଣେ । ହସ ଖୁସିରେ ଯିମିତି ତାର ହୃଦୟ ମନର ଫାଟି ପଡ଼ୁଛି ।

ବୀଣାର ଭିଣେଇ ଅନ୍ତର୍ଯ୍ୟାମୀ ମହାନ୍ତି, ଶିକ୍ଷିତ ସୁସ୍ଥ ଶ୍ୟାମଳ ଯୁବକ । ଉଚ୍ଚ ଦରମା ପାଉଥିବା ପାଦ୍ୟାର ସ୍ୱକରଆ ନହେଲେ ବି ସେ ଅସନ୍ତୁଷ୍ଟ ନୁହନ୍ତି । କଥାରେ ଭଙ୍ଗୀରେ ତାଙ୍କର ସରସତା ଓ ପରିହାସ ପୂର୍ଣ୍ଣ । ବିଳାସକୁ ଖୁସି କରିବା ଲାଗି ତାଙ୍କର ଅପ୍ରାଣ ଉଦ୍ୟମ ଦେଖି ବୀଣା ମନ କୁହୁଳିଯାଏ । ଧାତ ଆଠ ଦିନ ପାଇଁ ବିଳାସ ବାପଘରକୁ ଆସିଲେ ବି ଅନ୍ତର୍ଯ୍ୟାମୀ ଶଶୁର ଘରକୁ ଚାଲି ଆସନ୍ତି । ସାଇ ପଡ଼ିଶାର କଥାକୁ ସେ କାନ ଦିଅନ୍ତିନି । ସିଧାସଳଖ ମତାମତ ପ୍ରକାଶ କରିବାରେ ସେ ଧୁରନ୍ଧର ।

ବୀଣା ବାପଘରକୁ ଯିବା ଆଗରୁ ବିଳାସ ଆସିଥିଲା । ବଡ଼ଭଉଣୀର ଜୀବନ ଆଗରେ ବୀଣା ନିଜକୁ ଅସହାୟ ମଣିଲା । ରାମକୃଷ୍ଣ ଧନୀ, ଉଚ୍ଚ ଶିକ୍ଷିତ । ଭବିଷ୍ୟତରେ ଉପରକୁ ଉଠିବା ଲାଗି ଲମ୍ବା ସାମାଜିକ ସିଢ଼ି ଉନ୍ମୁକ୍ତ । ତଥାପି ବୀଣା ଆଜି ପରିତ୍ୟକ୍ତା ଅବହେଳିତା । ଅନ୍ତର୍ଯ୍ୟାମୀ ଅର୍ଥରେ ଧନୀ ନହେଲେବି ହୃଦୟରେ ସେ କୋଟିପତି । ତାର ସ୍ତ୍ରୀ ଓ ସନ୍ତାନମାନଙ୍କୁ ସେ ଅଧିକ ଭଲ ପାଏ ।

ବୀଣା ଯିବାର ଦୁଇ ତିନ ଦିନ ପରେ ଅନ୍ତର୍ଯ୍ୟାମୀ ଯାଇ ପହଞ୍ଚିଲା । ବୀଣାକୁ ଦେଖିଲା ମାତ୍ରେ ସେ କହି ଉଠିଲା—କିଓ ମେମ୍ ସାହେବ; ତମେ କୋଉ ଦିନ ?

ବିବାହର ଆଠବର୍ଷ ପରେ ଅନ୍ତର୍ଯ୍ୟାମୀର ଚପଳାମୀରେ ହସିଲା ବୀଣା । ଅତି ମ୍ଳାନ ହସ । ବୀଣାର ନୀରବତା ଓ ମ୍ଳାନ ହସରେ ଅନ୍ତର୍ଯ୍ୟାମୀର ସରସତା ଅଧେ କମିଗଲା । ସେ ହଠାତ୍ କିଛି ଅନୁମାନ କରି ପାରିଲାନ ।

ଅନ୍ତର୍ଯ୍ୟାମୀ ବୀଣାର ଅତି ନିକଟକୁ ଯାଇ କହିଲା—କିଓ କଳଙ୍କ ହୀନ ଚନ୍ଦ୍ରମାରେ ପୁଣି ଏତେ ମ୍ଳାନିମା କାହିଁକି ? ବୀଣା ଅନ୍ତର୍ଯ୍ୟାମୀକୁ ଚାହିଁଲା । ସେ ହସରେ ଯିମିତି ପୂର୍ବ ସରସତା ନାହିଁ । ଅନ୍ତର୍ଯ୍ୟାମୀ ଲକ୍ଷ କଲା ଦୁଇ ବିନ୍ଦୁ ଅଶ୍ରୁ ଢଳ ଢଳ ହେଉଛି ।

ଅନ୍ତର୍ଯ୍ୟାମୀର ଉଚ୍ଛୁଳା ପ୍ରାଣ ଯେପରି ହଠାତ୍ ଥମିଗଲା । ସେ ବିସ୍ମିତ ହେଲା । ବୀଣା ଆଖିରେ ଲୁହ କାହିଁକି ? କିଏ ଏ ପ୍ରଶ୍ନର ଉତ୍ତର ଦେବ ?

ବୀଣା ବିଳାସକୁ ଯେଉଁଦିନ ଅନ୍ତର୍ଯ୍ୟାମୀ ପ୍ରଥମ କରି ଦେଖିଥିଲା । ସେଦିନ ସେ ବଡ଼ ଭଉଣୀକୁ ନିଜର ସ୍ତ୍ରୀ ଲାଗି ବାଛିଥିଲେବି ବୀଣାର ସୌନ୍ଦର୍ଯ୍ୟ ସମ୍ମୁଖରେ ସେ ବିଚଳିତ ହୋଇଥିଲା । ବୀଣା ବିଦୁଷୀ କନ୍ୟା । ତା ଉଳକୁ ଆଉ ବାଣୀ 'ସ୍ୱର୍ଗ' ମଣି, ଏକୁ ଆଉଜେ ସୁନ୍ଦରୀ ଲୋଭନୀୟା । ଗୌରାଙ୍ଗୀ ସୁନ୍ଦରୀ ତରୁଣୀ ମାନଙ୍କ ମଧ୍ୟରୁ ଅନ୍ତର୍ଯ୍ୟାମୀ ଶ୍ୟାମାଙ୍ଗୀ ବିଳାସକୁ ହିଁ ପସନ୍ଦ କରିଥିଲା ।

ବୀଣା ଚପଳା ଚଞ୍ଚଳ ତରଙ୍ଗୀ । କଥା କଥାକେ ତା ମୁହଁରୁ ହାଟ୍‌ଳ ଛୁଟେ । ପଦେ ତାକୁ କହିଲେ ସେ ଧୂଆଁଣ ଗାଇ ଯାଏ ।

ବିବାହ ପରେ ପରେ ଅନ୍ତର୍ଯାମୀ ଶ୍ୱଶୁର ଘରକୁ ଅନେକ ଥର ଯାଇଛି । ବୀଣା ତାକୁ ଚିଡ଼େଇ କହେ—କଣ ଅପାବ୍ୟୁ ଛାଡ଼ି ପାରୁନ କି ? ଅନ୍ତର୍ଯାମୀ ହସି ହସି ବୀଣାର ବେଣୀ ମୋଡ଼ି ମୋଡ଼ି କହେ—ତମର ସୁନ୍ଦରମୁହଁ କଣ ଭରବେ ଦେଖିବା ନାହିଁ ? ବୀଣା ଓଠ ଫୁଲେଇ ଯାଉ ଯାଉ କହେ—ସେମିତି କହିଲେ ଏଠିକି ଆଉ ଜମା ଆସିବନି ।

ଅନ୍ତର୍ଯାମୀ ଶୋଇବାକୁ ଚେଷ୍ଟା କରେ । ବୀଣା ଚୁପ୍ ଚୁପ୍ ଆସି ଅନ୍ତର୍ଯାମୀ କାନରେ କାଠି ପୁରେଇ ସଲ ସଲ କରେ । ଶୋଇବାର ଛଳନା କରି ଅନ୍ତର୍ଯାମୀ ବୀଣାର ହାତକୁ ଧରି ପକାଏ । ଦୁହିଁଙ୍କର ଝଣା ଓଟର ଭିତରେ ବେଳେ ବେଳେ ବିଳାସ ଆସି କହେ—କାହିଁକି ତା ସଙ୍ଗେ ଲାଗିଛ ? ଏଇନେ କାନ୍ଦିବ ।

ଅନ୍ତର୍ଯାମୀ ଗୁଡ଼ଗୁଡ଼ାଏ । ବୀଣା ଫୁଲେଇ ଯାଉ ଯାଉ କହେ —ଛୋଟ୍ ଭାଗ ନେଇ ଯାଉନ ଲୋ ଅପା ।

ସ୍ୱାମୀ ସ୍ତ୍ରୀ ହସି ଉଠନ୍ତି । ଅନ୍ତର୍ଯାମୀ ବିଳାସର ହାତକୁ ଆଉଁସି ଆଉଁସି କହେ—ବୀଣାର ଚପଳାମୀ କେବେ ଭାଙ୍ଗିବ ।

ଖାଇ ବସିଲେ ଭାତ ଭିତରେ ମାଛକଣ୍ଟା ପୋତିବ । ପାଣିରେ ଲଙ୍କାଗୁଣ୍ଡ ମିଶେଇବ, ପାନରେ ଗୋଡ଼ି ଲୁଣ ଦେବ, ପ୍ରତି ମୁହୂର୍ତ୍ତରେ ସାବଧାନ ନହେଲେ ହଇରାଣ ଓ ଅପଦସ୍ଥ ହେବାର ବହୁତ ସମ୍ଭାବନା ।

ହରିଣୀ ପରି ଯେ ଚପଳ ସେ ଆଜି ଏତେ ଗମ୍ଭୀର

କାହିଁକି ?

ଅନ୍ତର୍ଯାମୀ ଆଜି କିଛି କହିବା ପୂର୍ବରୁ ବୀଣା ସେଠୁ ଉଠି ପଳେଇଲା । ଅନ୍ତର୍ଯାମୀ ସେହି ଆଡ଼କୁ ଚାହିଁ ରହିଲା । ବିଳାସର ସ୍ପର୍ଶରେ ତାର ଦୃଷ୍ଟି ପରିବର୍ତ୍ତନ ହେଲା । ଅନ୍ତର୍ଯାମୀର ଅସ୍ୱସ୍ତିର କାରଣ ବୁଝି ବିଳାସ କହିଲା—ରାମକୃଷ୍ଣ ଓ ବୀଣା ଭିତରେ ଟିକିଏ ମନାନ୍ତର ହୋଇଛି ।

ଅନ୍ତର୍ଯାମୀ ଆଜି ଚିନ୍ତାଗ୍ରସ୍ତ ହୋଇ ପଡ଼ିଲା । ପ୍ରକୃତରେ ସେ ଚମକିପଡ଼ିଲା ବିଳାସଠୁ ବୀଣା ରାମକୃଷ୍ଣର ମନାନ୍ତର କଥା ଶୁଣି । ରାତି ଅନେକ ହେଲାଣି । ସେ ତାର ଶୋଇବା ଘରଟିରେ ଶୋଇ ରହିଛି । ପାଖରେ ବିଳାସ ଶୋଇ ପଡ଼ିଲାଣି । ଓଠ ପ୍ରାନ୍ତରେ ତାର ଏବେବି ଲାଗି ରହିଛି ତୃପ୍ତିର ହସ ରେଖା । ତାର ଟିକି ବାଁ ହାତଟି ଆସି ଅନ୍ତର୍ଯାମୀର ଗୋଡ଼ ଉପରେ ପକେଇଛି । ହାତଟି ଛାତି ଉପରେ, କୋମଳ ଲତା ଗଛର ଗଣ୍ଡିକି ଜାବୁଡ଼ି ଧରିଲାପରି ।

ଅନ୍ତର୍ଯାମୀର ନିଦ ନାହିଁ । ଅତୀତ ଜୀବନପୋଥିରୁ କେତୋଟି ପୃଷ୍ଠା ତା ସମ୍ମୁଖରେ ଖୋଲି ହୋଇ ପଡ଼ିଛି—ବୀଣା ଶାଶୁଘରକୁ ଯିବା ପୂର୍ବରୁ ଯାଇଥିଲା ଅନ୍ତର୍ଯାମୀ ଘରକୁ । ଫଗୁଣ ମାସର ଫଗୁବୋଳା ଅବସରରେ ବୀଣାକୁ ପାଇ ଅନ୍ତର୍ଯାମୀର ଚପଳାମି ଶତଗୁଣିତ ହୋଇଯାଇଥିଲା । ଗେରୁଆ ପଟବାଉଟି ତାର ହସଖୁସିରେ ଭିଜିଯାଉଥିଲା । ବିଳାସ ସେପଟ ଘରେ ଗଲେ ଅନ୍ତର୍ଯାମୀ ବୀଣାକୁ ପାଖକୁ ଟାଣି ଆଣି କହୁଥିଲା—ତମର ଏ ରୂପନେଇ ରାମକୃଷ୍ଣକୁ ପାଗଳା କରିବ ।

ବୀଣା ନିଜକୁ ଅନ୍ତର୍ଯାମୀର ବନ୍ଧନରୁ ଉଦ୍ଧାର କରି କହେ—ଅଭା ତମକୁ ଯିମିତି କରୁଚି ତାଠୁ ବେଶି ନୁହେଁ ।

ବୃନ୍ଦାଙ୍କ ସମ୍ମିଳିତ ଦପ୍ତରର ସରଳା ବିଳାସ ସୌରଭର ସବୁ ଆସି କହେ ମତେ ନିଜେ ତମ ଆନନ୍ଦରେ ଭରି ଦିଅ । ବିଶ୍ୱ ଭୁଲେ ଅପାର ଆନ୍ତରିକତା ଅନ୍ତର୍ଯାମୀର ସ୍ନେହ ଆଉ ଆଦର ।

ଦିନେ ହଠାତରେ ବିଳାସ ଯାଇ ଥିଲା ପଢ଼ୁଣା ଘରକୁ ବୁଲି । ଅନ୍ତର୍ଯାମୀ ନିଜର ଶୋଇବା ଘରକୁ ଯାଇ ଦେଖିଲା ବୀଣା ଶୋଇଛି । ବୀଣାର ସୌନ୍ଦର୍ଯ୍ୟ ଅଯତ୍ନ ଭାବରେ ଶେଜରେ ପଡ଼ି ବସ୍ତ୍ର ସ୍ଖଳିତ ହୋଇଯାଇଛି । ଧଳା ଚଦରର ଉପରେ ଗୋରା ଦେହଟା ତାର ଅତି ଲୋଭନୀୟ ହୋଇଛି । ଅନ୍ତର୍ଯାମୀ ବୀଣା ପାଖରେ ବସି ତା ମୁଣ୍ଡର ବାଳକୁ ସାଉଁଳି ସାଉଁଳି ତାର ନିଦ ଭାଙ୍ଗି ଗଲା । ବୀଣା ଉଠି ଅନ୍ତର୍ଯାମୀକୁ ଏତେ ନିକଟରେ ଦେଖି ଲାଜେଇ ଗଲା । ଖଟବାଡ଼କୁ ଆଉଜି ବସି କହିଲା—ଅମାର ଅସମ୍ମାନ କରନ୍ତୁ । ମୋ ମନଟା ଅପେକ୍ଷା କଣ ଦେହଟା ତମର ବେଶୀ ଦରକାର ?

ହଠାତରେ ପ୍ରବେଶ କଲା ଦେହର ଉତ୍ତାପ କମିଯିବାପରେ ବୀଣାର କଥାରେ ଅନ୍ତର୍ଯାମୀର ମନର ଉତ୍ତାପ କମି ଆସିଲା ।

ସେଇ ବୀଣା ବିଶ୍ୱନାଥ ଭକ୍ତ ଆକୃଷ୍ଟା, ଏ କଥା ନିଶ୍ଚିତ ଅନ୍ତର୍ଯାମୀ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହେଁ । ଅଥଚ ପାଖରେ ସୁବିଧାରେ ପାଇ ଅନ୍ତର୍ଯାମୀକୁ ବୀଣା କୋମଳ କଥା କହି ବାରଣ କରିଛି ଉପଦେଶ ଦେଇଛି । ବୀଣା କଣ ରାମକୃଷ୍ଣଠାରୁ ତୃପ୍ତି ପାଇଛି ! ଅତୃପ୍ତ ଆତ୍ମା ତାର କଣ ବିକଳ୍ପ କରୁଛି ? କିଏ ଦେବ ଏ ପ୍ରଶ୍ନର ସମାଧାନ ?

ଆଲୁଅଟା ଜଳୁଥିବାରୁ ବିଳାସକୁ ଭଲ ନିଦ ହୋଇନଥିଲା । ସେ ଆଖି ଖୋଲି ଦେଖିଲା—ଅନ୍ତର୍ଯାମୀ ଘରକୁ ସ୍ପର୍ଶ କରି ସବୁଜ

ଆଲୁଅଟାକୁ ଲିଭେଇ ନିଜକୁ ଅନ୍ତର୍ଯ୍ୟାମୀର ଅତି ନିକଟକୁ ନେଇ କହିଲା—ତମକୁ କଣ ନିଦ ହେଉନି ।

ବିଳାସକୁ ନେଇ ଅନ୍ତର୍ଯ୍ୟାମୀ ବାହାରକୁ ବୁଲିଯିବା ପ୍ରସ୍ତାବ ଶୁଣି ବୀଣା ଚୁପ୍ କରି କହିଲା—ଅପା ନନାଙ୍କୁ କହନ୍ତୁନି ମତେ ଟିକିଏ ସାଙ୍ଗରେ ନିଅନ୍ତେ ।

ଅନ୍ତର୍ଯ୍ୟାମୀ ବିଳାସ ଓ ବୀଣାକୁ ନେଇ ବିଭିନ୍ନ ସ୍ଥାନ ଭ୍ରମଣରେ ବାହାରିଲା । ବୀଣାର ପିତା ଅନ୍ତର୍ଯ୍ୟାମୀ ସଙ୍ଗରେ ବୀଣାକୁ ଛାଡ଼ିବା ନିମନ୍ତେ କୌଣସି ଆପତ୍ତି କରିନାହାନ୍ତି ।

ପୁରୀର ସାଗର ବେଳାରେ ସନ୍ଧ୍ୟାରେ କୋଟି ତାରକା ଫୁଟେ, ବୀଣା, ବିଳାସ ଓ ଅନ୍ତର୍ଯ୍ୟାମୀ କୋମଳ ବାଲୁକାଶଯ୍ୟା ଉପରେ ବସି ଉପଭୋଗ କରନ୍ତି ସାନ୍ଧ୍ୟକାଳୀନ ସୌନ୍ଦର୍ଯ୍ୟମୟୀ ସାଗର ବେଳା ।

ଜଗନ୍ନାଥ ମନ୍ଦିରରେ ବାଇଶି ପାହାଚ ଅତିକ୍ରମ କଲାବେଳେ ଅନ୍ତର୍ଯ୍ୟାମୀ ବୀଣାକୁ ଉଠିବାରେ ସାହାଯ୍ୟ କରେ । ବୀଣା ହସି ହସି ଅନ୍ତର୍ଯ୍ୟାମୀର ହାତଧରି ଉପରକୁ ଉଠୁ ଉଠୁ କହେ—ଅପାଙ୍କୁ ସାହାଯ୍ୟ କରନ୍ତୁ !

ଅନ୍ତର୍ଯ୍ୟାମୀ ହସି ହସି କହେ—ସେ ଘର ବଡ଼, କଲେ ଉଠି ଆସିବେନି କ ବୃଦ୍ଧ ଅଙ୍ଗର ମିଳନରେ ହସର ଫୁଲୁସମାନ ଖସି ଉଠେ । ବିଳାସ ପଛରୁ ଆସି ସେମାନଙ୍କ ହସରେ ଯୋଗଦିଏ, ବୀଣା ବିଳାସ କାଖରୁ ପୁଅକୁ ନେଇ ଅପାକୁ ସାହାଯ୍ୟ କରେ ।

ଉନ୍ମୁକ୍ତ ଦିବାଲୋକରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଗାତ୍ରରେ ଖୋଦିତ ଯୌନମିଳନ ମୂର୍ତ୍ତି ଅନ୍ତର୍ଯ୍ୟାମୀ ଚୁପ୍‌କରି ବୀଣାକୁ ଦେଖାଏ । ବୀଣା ଲଜ୍ଜାରେ ମୁହଁ ପୋତି କହେ—ନାମାନ ଦେଖାଅ ।

କଟକର ଦେବୀଗଂଗା ଗହଳରେ ବିଭିନ୍ନ ମେଢ଼ ପରିଦର୍ଶନ କଲାବେଳେ ଅନ୍ତର୍ଯ୍ୟାମୀ ଆଶାପୂର୍ଣ୍ଣ ଆଖିରେ ବୀଣାକୁ ଚୁହେଁ । ବୀଣା ହସି ହସି କହେ—ତମେ ନଆଣିଥିଲେ ଏଗୁଡ଼ିକ ମତେ କିଏ ଦେଖେଇଥାନ୍ତା ।

ଅନ୍ତର୍ଯ୍ୟାମୀ, ବିଳାସ ଓ ବୀଣା ଖଣ୍ଡଗିରି, ଉଦୟଗିରି, ଭୁବନେଶ୍ୱର, ପୁରୀ, ନନ୍ଦନ କାନନ, ଅଂଶୁପା, ଚିଲିକା ଆଦି ବିଭିନ୍ନ ସ୍ଥାନ ଭ୍ରମଣ କଲେ ଅନ୍ତର୍ଯ୍ୟାମୀଙ୍କ ବୀ[illegible] । ଆଖିରେ ତାର ଖୁସୀ ଫୁଟା ବୀଣା ଚୁହେଁ । ହସିକରି କହେ—[illegible] କଣ ତମର ବେଶୀ ଲୋଭ ? ଅଗା କଣ ମନକୁ ଆସୁନି ?

ରାତିର ଗଭୀରତାରେ ତିନୋଟି ପ୍ରାଣୀ ବିଶ୍ରାମ ନିଅନ୍ତି । ଶାରୀରିକ କ୍ଲାନ୍ତି ପରେ ବିଳାସ ଶୋଇଯାଏ । ଅଗା ପାଖକୁ ଲାଗି ବୀଣା ଶୁଏ କିନ୍ତୁ ଅନ୍ତର୍ଯ୍ୟାମୀ ଆଖିକି ନିଦ ଆସେନି ।

ପୁରୁଷ ମନ ଚଞ୍ଚଳ । ସେ ଯୁବତୀ ଦେଖିଲେ ଲୋଭାଣା ପଣ ଚୁହେଁ—ମିଳିଲେ ଗୋଟାକଯାକ ସିଧା ଗିଳିଦେବ । ଏକା ଘରେ ଅନ୍ତର୍ଯ୍ୟାମୀ ଛଟପଟ ହୁଏ ।

ଯାତ୍ରାର ଶେଷ ଦିନ ଅନ୍ତର୍ଯ୍ୟାମୀ ମନ ପ୍ରାଣ ହତାଶାରେ ବିକ୍ଷିପ୍ତ ହୋଇଯାଇଛି । ବୀଣାକୁ ଅତି ପାଖରେ ପାଇ ମଧ୍ୟ ସାନ୍ନିଧ୍ୟ ଲାଭ କରିନି ।

ରାତି ପ୍ରାୟ ବାରଟା ଖଣ୍ଡେ ହେବ । ସହରର କୋଳାହଳ କମି[illegible]ଲାଣି । ମହମବତୀଟି ଜଳି ଶେଷ ହୋଇ ଆସିଲାଣି

ଅନ୍ତର୍ଯ୍ୟାମୀ ଶେଜରୁ ଉଠି ଯାଇଁ ଦୁଇ ଭଉଣୀଙ୍କ ନିକଟରେ ଠିଆ ହେଲା । ଆଲୋକର କ୍ଷୀଣ ରେଖା ବୀଣାର ମୁଖମଣ୍ଡଳରୁ କିଛି ଅଂଶ ଆଲୋକିତ କରୁଛି । ଗୋରା ଟକ୍‌ଟକ୍ ମୁଖଟିରେ ଆଲୋକ ପ୍ରତିଫଳିତ ହେଉଛି ।

ଅନ୍ତର୍ଯ୍ୟାମୀ ବୀଣା ପାଖରେ ବସିଲା । କପାଳ ଉପରକୁ ଆସିଥିବା ଅବାଧ ଛୋଟ ଛୋଟ ବାଳ ଗୁଡ଼ିକୁ ସଜାଇ ବାରେ ଲାଗିଲା । ହାତର ସ୍ପର୍ଶ ପାଇ ବୀଣାର ନିଦ ଭାଙ୍ଗିଗଲା । ସେ ଅନ୍ତର୍ଯ୍ୟାମୀକୁ ଏତେ ନିକଟରେ ଦେଖି ଚମକି ପଡ଼ିଲା । ହଠାତ୍ ଶେଜରୁ ଉଠି ପଡ଼ି ଠିଆ ହେଲା ।

ଅନ୍ତର୍ଯ୍ୟାମୀ କିଛି କହିବା ପୂର୍ବରୁ ବୀଣା ଆରମ୍ଭ କଲା —ମୋ ଦେହଟା ଯଦି ତମର ନିହାତି ଦରକାର ନିଅ ଉପଭୋଗ କର, କିନ୍ତୁ କାଲି ସକାଳୁ ମୋର ଶବଟାକୁ ଦାହ କରିବା ଲାଗି ପ୍ରସ୍ତୁତ ହୁଅ । ତୁମର ହାତରେ ଜଳାହୋଇ ହେଲେ ମୁଁ ଆରପୁରରେ ସୁଖୀ ହେବି

ଆକସ୍ମିକ ବିସ୍ଫୋରଣ ହେଲେ ଯେପରି ମଣିଷ ଚମକି ଉଠେ, ଅନ୍ତର୍ଯ୍ୟାମୀ ସେମିତି ଚମକିପଡ଼ିଲା । ସେ ବାକ୍‌ହୀନ ହୋଇ ଠିଆହୋଇ ଦେଖିଲା— ବୀଣା ଆଖିରୁ ଝରି ଆସୁଛି ଗଙ୍ଗା ଯମୁନା ।

ଅନ୍ତର୍ଯ୍ୟାମି ବିସ୍ମିତ ହେଲା । ବୋକାଙ୍କପରି ବୀଣା ମୁହଁକୁ ଚାହିଁ ରହିଲା । ବୀଣାପୁଣି କହିଲା— ମୋ ଜୀବନରେ ତମକୁହିଁ ମୁଁ ଅଧିକ ଭଲପାଏ, ଭକ୍ତିକରେ । ତୁମନିକଟରେ ମୁଁ ସଙ୍କୁଚିତା ହୁଏନି । କିନ୍ତୁ ମୁଁ ତୁମର ବଦନାମ ସହିପାରିବିନି । ମତେ ଆଦର କର, ସ୍ନେହ କର, ମୋ ଦେହଟା ଉପରେ ଏତେ ଲୋଭ କାହିଁକି ?

ଅନ୍ତର୍ଯ୍ୟାମୀ ଚୁପ କରି ଆସି ବୀଣା ନିକଟରେ ଠିଆହେଲା । ଆଖିରେ ତାର ଦେଖାଗଲା ଅଶ୍ରୁ । ସେ ବୀଣା ଆଖିରୁ ଲୁହ ପୋଛି ପୋଛି କହିଲା —ମତେ କ୍ଷମା ଦିଅ ବୀଣା ।

ଏତେଦୁଃଖରେ ବି ବୀଣା ସାମାନ୍ୟ ହସି କହିଲା—ମୁଁ ପରସ୍ନେହ କାଙ୍ଗାଳୁଣୀଟେ । ସାମାନ୍ୟ ଦୋଷରେ ମୁଁ ହଉଚି ଅବହେଳିତା । ତମେ ଯଦି ଆଦର ନ କରିବ ତେବେ ମୁଁ ବଞ୍ଚିବି କମିତି ?

ଏ ହେଉଛି ସେମାନଙ୍କର ସଂକ୍ଷିପ୍ତ ମର୍ମାନ୍ତିକ ଭ୍ରମଣ କାଳର ଇତିହାସ । ଅନ୍ତର୍ଯାମୀ କିନ୍ତୁ ବୀଣାକୁ ଭୁଲ ବୁଝିଲା । ପୌରୁଷ ତାର ଆହତହେଲା ସିମିତି । ବିବାହ ପରେ ବୀଣା ସ୍ୱାମୀଠୁ ପାଇନି ସ୍ନେହ ସରାଗ ବୋଲା କଥା । ସାମାନ୍ୟ ଭୁଲରେ ସେ ଆଡ଼େଇ ଦେଇଛନ୍ତି । ଅନ୍ତର୍ଯାମି କ୍ରମେ ଦୁରେଇ ରହିବାକୁ ଚେଷ୍ଟାକଲା ।

ବୀଣା ଗଲା ଶାଶୁ ଘରକୁ । ସ୍ୱାମି ପ୍ରତ୍ୟାଖାତା ସ୍ତ୍ରୀର ସମ୍ମାନ କମିଯାଏ । ସେତାର ହକ୍ ଉପସ୍ଥାପିତ କରିପାରେନି, ଶ୍ରେଷ୍ଠ ମଧ୍ୟକତ୍ତ ଧରିବାର । ବାହାରକୁ ଘରିବାରେ ଟି ବେଶ୍ ସରଳ ଓ ସୁଖମୟ ଜଣା-ଯାଏ କିନ୍ତୁ ଘରଭିତରେ ପୋକ ଲାଗିଲାପରି ଘରର ସମସ୍ତ ସୁଖନଷ୍ଟ ହୋଇ ଯାଇଛି । ରାମକୃଷ୍ଣ ଘରକୁ ଆସୁନ ଘରେର ବେଗିଣି ଶାଶୁଙ୍କର ପୁଅତାଲୁରେ ବେଶ ବଢ଼ି ଯାଇଚି । ସେ ଆଉ ସେସବୁ ଉଠିଶାଣ୍ଡୁ-ନାହାନ୍ତି ।

ବୀଣାର ନଣନ୍ଦ ସୁଚନ୍ଦା ବୀଣାକୁ ଦେଖିଲେ ଠକ୍ ଠକ୍ ହେଉଚି । ଭାଇତାର ଘରକୁ ନଆସିବା ଯୋଗୁ ସେ ବୀଣାକୁ ହିଁ ଦାୟୀ କରୁଚି । ବୀଣା ମୂକ ପାଲଟି ଯାଇଚି ।

ଘରର ବଡ ବୋହୁ ହିସାବରେ ତାକୁ ସମସ୍ତେ ଯେଉଁ ସମ୍ମାନ ଦେଉଥିଲେ ତା ଧୁଏଁ ଧୁଏଁ ଉଡିଗଲା । ରାମକୃଷ୍ଣର ବୃଦ୍ଧ ପିତା

ଘରଠୁ ଦୂରେଇ ରହିନିଜ ବ୍ୟବସାୟରେ ଅଧିକ ମନଦେଲେ ।

ବୀଣାର ଜୀବନ ହତାଶାମୟ ହୋଇଉଠିଲା । ସୁନ୍ଦର ଅଙ୍ଗଲତା ତା'ର ଘଟଣାର ଝାଞ୍ଜିରେ ନିସ୍ତେଜ ହୋଇଗଲା । ହସିଲାମୁଖମଣ୍ଡଳରୁ ହସ ଲୁଚିଗଲା । ଜୀବନ ଦୁର୍ବିସହ ହେଲା ।

ରାତିର ନିର୍ଜନତାରେ ଏକାକିନୀ କାନ୍ଦି କାନ୍ଦି ତକିଆ ଭିଜାଏ ଘଣ୍ଟା ଘଣ୍ଟାଧରି ଜଗାଇର ରହି ମନେ ପକାଏ ତାର ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ଭାଗ୍ୟକୁ ନିନ୍ଦାକରି ବାଣାବ୍ୟସ୍ତ ହୁଏ ।

ରାମକୃଷ୍ଣ ଅବହେଳା କରିଛି । ଅନ୍ତର୍ଯାମୀ ଦୂରେଇ ଯାଇଛି । ପଦେ ସ୍ନେହବୋଲା କଥା ତାର ଆଜି ସ୍ୱପ୍ନ ହୋଇଛି ।

ବୀଣାର ଏ ଦୁର୍ଦ୍ଦିନରେ ରାମକୃଷ୍ଣର ସାନଭାଇ ଘନକୃଷ୍ଣ ଛୁଟିରେ ଘରକୁ ଆସିଛି, ଘନକୃଷ୍ଣ ସୁସ୍ଥ, ସବଳ, ସୁନ୍ଦର । ସେ କଲିକତାର କୌଣସି କମ୍ପାନୀରେ ଚାକିରି କରେ । ଅବିବାହିତ ଜୀବନରେ ସେ ଉଚ୍ଛୃଙ୍ଖଳ ହୋଇଛି । ବୀଣାକୁ ଦେଖି ହୃଦୟରେ ତାର ଅଶ୍ଳୀଳ ଲାଳସାର ଜୁଆର ଉଠିଛି । କଥା କଥାକେ ହସି ସେ ବୀଣାକୁ ଆକୃଷ୍ଟ କରିବାକୁ ଚେଷ୍ଟା କରୁଛି ।

କିନ୍ତୁ ବୀଣା ନୀରବ । ଦୁଃଖରେ ତାର ପ୍ରାଣ ଭରିଯାଇଛି । ବିଶ୍ୱନାଥର ନୀରବତା, ଅନ୍ତର୍ଯାମୀର କୃତଘ୍ନତାରେ ତାରମନପ୍ରାଣ ରାମକୃଷ୍ଣ ଆଡ଼କୁ ଆଉଜି ଯାଇଛି । ରାମକୃଷ୍ଣକୁ ଦେଖିଲେ ତାର ପାଦ ଦୁଇଟି ଉପରେ ମୁଣ୍ଡ ରଖି କ୍ଷମାଭିକ୍ଷା କରନ୍ତା । ରାମକୃଷ୍ଣ ମୁହଁରୁ ପଦେକଥା ଶୁଣି ଶାନ୍ତିପାଆନ୍ତା ।

କିନ୍ତୁ ବୀଣାର ଭାବନା ଭାବନାରେ ରହିଯାଇଛି । ରାମକୃଷ୍ଣର ଦେଖା ନାହିଁ । ଅପେକ୍ଷାରେ ଦିନଗଣି ବସୁଛି । ଆଖିରୁ ଲୁହ ଝୁରି ଆସୁଛି । ସୁଖର ସଂସାର ତାର ଜଳିପୋଡ଼ିଯାଉଛି ।

ଛତ ଉପରରେ ବୀଣା ଶୋଇଯାଇଛି । ଘନକୃଷ୍ଣ ସେକକ୍ଷରେ ପ୍ରବେଶକରି ବୀଣାର ଅସନ୍ନ ବର୍ଦ୍ଧିତ ସୌନ୍ଦର୍ଯ୍ୟ ଦେଖି ବାକୁ ଲାଗିଲା । ମାସାଂଶୀ ଶ୍ୱାନପରି ଘନକୃଷ୍ଣର ଆଖିଦୁଇଟି ବୀଣାରଆପାଦ ମସ୍ତକ ବୁଲି ଆସିଲା ।

ବ୍ଲାଉଜ ବନ୍ଧନ ବକ୍ଷଦେଶ ଉନ୍ନତ ଜଣାପଡୁଥାଏ । ହାଲୁକା ଦକ୍ଷିଣା ପବନରେ ଶୋଇ ଯାଇଛି । ଗୋଟିଏ ହାତରେ ମୁଣ୍ଡଦେଇ ବୀଣା ଆଉ ହାତଟି ଗ୍ରୁଭଉପରେ ପକାଇଛି । ଭୟ ଓ ଆଶଙ୍କାରେ ଘନକୃଷ୍ଣର ମୁହଁ ଝାଳେଇଗଲା ।

ବୀଣାର ନିଦ ଭାଙ୍ଗିଗଲା । ସେ ତାର ଶୟନ କକ୍ଷରେ ଘନକୃଷ୍ଣକୁ ଦେଖିଭୟ ଉଠାହେଲା । ଶାଢ଼ିକୁ ସଜାଡ଼ି ସଂକୁଚିତ ହୋଇ ଖଟର ଗୋଟିଏ କଡ଼କୁ ଖସିଲା । ମନେ ମନେ ଅଶାନ୍ତ ଅନୁଭବ କଲେବି ମୁହଁରେ ହସ ଫୁଟେଇ ବାକୁ ଚେଷ୍ଟା କରି ବୀଣା ପଚାରିଲା—ତମେ ଏତେବେଳେ କୁଆଡ଼େ ?

କାମାନ୍ଧ ଘନକୃଷ୍ଣ ବୁଝିଲାନି ବୀଣାର ଅନ୍ତରର କୁଣ୍ଠା । ପରିହାସ କରିସେ କହିଲା—ତମେ କଣ ଜାଣିନ ?

ବୀଣାର ମୁଣ୍ଡ ଘୂରି, ଆସିଲା ମନକୁ ମନ ପଚାରିଲା——ପ୍ରକୃତରେ ସେ କଣ ଘନକୃଷ୍ଣର ଅଭିଳାଷ ଜାଣେନା ?

ନିଶ୍ଚୟ ଜାଣେ । ଯୁବକର ଲାଳସାପୂର୍ଣ୍ଣ ଦୃଷ୍ଟି ଯୁବତୀ ନିକଟରେ ଅଜ୍ଞାତ ନୁହେଁ । ଯୁଗେ ଯୁଗେ ଯୁବକ ଯୁବତୀର ଅନୁଧାବନ କରି ଆସିଛି । ଯୁବତୀ ମୁହଁରୁ ପଦେକଥା ଶୁଣିବା ପାଇଁ ପାଗଳ-ହୋଇଛି । କିନ୍ତୁ ବୀଣା ଶାଶୁନଣନ୍ଦଠୁ ଚେତାବନୀ ଶୁଣିଛି, ଘନକୃଷ୍ଣଠୁ ଅବହେଳା ପାଇଛି । ଅନ୍ତର୍ଯ୍ୟାମୀଠୁ ଆଦର ପାଇନି । ଯନ୍ତ୍ରଣାର ଲାଞ୍ଛନା ବଢ଼ିଛି । ହୃଦୟ ସଞ୍ଚାର ତାର ତରଙ୍ଗ ଶୂନ୍ୟ ହୋଇଛି । ସେ ମନେ ମନେ ଭାବୁଛି—ସମସ୍ତେ ସ୍ୱାର୍ଥପର ।

ବୀଣାର ଅନ୍ତର କମ୍ପେଇ ଉଠିଲା । ରାମକୃଷ୍ଣର ଫଟୋକୁ ଚାହିଁଲା । ଇଢ ଘର କାଳର ଦେବତା ସେ । ସାମାନ୍ୟ ଦୋଷରେ ଦୂରେଇ ଦେଇଛନ୍ତି । ସ୍ୱାମୀର ଶତ ଦୁର୍ବଳତା ନାରୀ ସହିବାକୁ ବାଧ୍ୟ କିନ୍ତୁ ନାରୀ ବିଷୟରେ ପଦେ ଅଧେ ଶୁଣିଲେ ପୁରୁଷ ଘୃଣା କରେ, ଅବହେଳା କରେ ।

ବୀଣା ଆଖିରୁ ଝରି ଆସିଲା ଲୁହ । ବନକୃଷ୍ଣ ନୀରବରେ କଷ୍ଟ ତ୍ୟାଗକରି ଚାଲିଗଲା । ବୀଣାର ଅନ୍ତର ବୁଝିବାକୁ ସେ ଅସମର୍ଥ ।

ବୀଣା ଶାଶୁ ଘରକୁ ଆସିବାର ଏତେଦିନ ଅତୀତ ହେଲେ ମଧ୍ୟ ବାପା ଭାଇଙ୍କର କେହି ଆସିନାହାନ୍ତି । 'ଦେଲୁ ନାରୀ, ହେଲୁ ପର' ମତରେ ସେମାନେ ବୀଣାକୁ ତାର ଭାଗ୍ୟସଙ୍ଗେ ଲଢ଼େଇ କରିବାକୁ ଛାଡ଼ି ଦେଇ ଛନ୍ତି ।

ଆଜିଦିନ କର ସନ୍ଧ୍ୟା । ରାତ୍ରୀ ବଢିବା ସଙ୍ଗେ ଡାଳଦେଇ ଭୟଙ୍କର ବର୍ଷା ଆସିଲା । ବୀଣା ଚୁପ୍ ହୋଇ ମନମାରି ଶୋଇବା ଘରେ ବସିଛି । ଝରକା ଦେଇ ବାହାରର ଅନ୍ଧକାରକୁ ଚାହିଁ ରହିଛି । ସାମୟିକ ବିଜୁଳି ଝଟକରେ ଗଛ ଘର ଅସ୍ପଷ୍ଟ ଭାବେ ଦେଖା ଯାଉଛି । ଆଖିରୁ ତାର ଝରୁଛି ଲୁହ । କେବଳ ମିଳିଲେ କାନ୍ଦି କାନ୍ଦି ସେ ଦୁଃଖ ଲାଘବ କରିବା ପାଇଁ ଚେଷ୍ଟା କରୁଛି ।

ବର୍ଷାର ଶୀତଳ ପରିବେଶରେ ସେ ଖୋଜୁଛି ସ୍ୱାମୀଙ୍କ ଭୁଜବାହୁ ବନ୍ଧନର ନିବିଡ଼ ଆଶ୍ଳେଷ ।

ଯୁଗେ ଯୁଗେ ବର୍ଷା ବିରହୀ ବିରହିଣୀ ପ୍ରାଣରେ ଦେଇଛି ବେଦନା । ରାମଗିରିରେ ଯକ୍ଷ ବର୍ଷାକାଳୀନ ସୌନ୍ଦର୍ଯ୍ୟରେ ଅଶାନ୍ତ ଆଉ ଅତୃପ୍ତିର ଶ୍ୱାସ ତ୍ୟାଗ କରି ମେଘକୁ ଦୂତ କରି ତା ସହିତ ପଠାଇଛି ପ୍ରିୟା ପାଖକୁ ସନ୍ଦେଶ । ମେଘମେଦୁର ଗଗନରେ

ନବମେଘ ସନ୍ଦର୍ଶନରେ ଭକ୍ତିକବିଙ୍କ ନାୟିକାର ସଖୀମାନେ ମହାଦେବଙ୍କୁ ଆକୁଳ ପ୍ରାଣରେ ମଦନାନଳରୁ ରକ୍ଷାପାଇଁ ସ୍ମରଣ କରନ୍ତନ୍ତି । କାବ୍ୟ କବିତାର ଛନ୍ଦେ ଛନ୍ଦେ କବିମାନେ ଗାଉଛନ୍ତି ବର୍ଷାର ଜୟ ଗୀତିକା ।

ଧନକୃଷ୍ଣ ହଠାତ୍ ଘର ଭିତରକୁ ପଶି ଆସି କହିଲା——ନୂଆଁଜ ପାଗଟା ବେଶ ଭଲ ହେଇଛି ।

ବିରହ ବେଦନା ଭାରାକ୍ରାନ୍ତା ବୀଣା ଧନକୃଷ୍ଣର ଆକସ୍ମିକ ଆବିର୍ଭାବରେ ତ୍ରସ୍ତା ହରିଣୀ ପରି ଏଣେ ତେଣେ ଚାହିଁ ଦେଖିଲା—କିଏ ଆଉ ଦେଖୁଛନ୍ତି ? ବୀଣାର ନୀରବତା ଲକ୍ଷକରି ଧନକୃଷ୍ଣ କହିଲା— ନୂଆଁଉ, ସବୁଦିନେ କଣ ଖାଲିହାତରେ ଫେରୁଥିବ ?

ବୀଣା ଠିକ୍ କରି ପାରିଲାନି ଏ କାମାନ୍ଧ ଯୁବକକୁ କି ଉତ୍ତର ଦେବ ? ରାହୁ ପରି ତାର ଜୀବନ-ଚନ୍ଦ୍ରକୁ ଗ୍ରାସ କଲାପରି ଲାଗୁଛି । ବୀଣାର ଏକାନ୍ତ ସମ୍ବଳ ଅଶ୍ରୁ ଝରିଲ କହିଲା—ତମେ ଦୟାକରି ଏଠୁ ଗଲ ଧନକୃଷ୍ଣ ।

ବୀଣାର କାତର ଅନୁରୋଧ ଧନକୃଷ୍ଣର କର୍ଣ୍ଣ ସୀମାରେ ପହଞ୍ଚି ପାରିଲାନି । ସେ ବୀଣା ହାତ ଦୁଇଟିକୁ ଧରି ପକେଇଲା ଅସୀମ ଆବେଗରେ ।

ବୀଣା ଥରି ଉଠିଲା । ଭୟରେ ଶୁଖି ତାର କମ୍ପ ଉଠିଲା । ହାତଟାକୁ ଘୁଞ୍ଚି ଦେଇ ବାହାରକୁ ପଳେଇବାକୁ ଚେଷ୍ଟାକଲାବେଳେ ଦେଖିଲା—ସୁରମା ତାର ନଣନ୍ଦ ଦୁଆରମୁହଁରେ ଠିଆ ହୋଇଛି । ମୁଣ୍ଡରେ ବଜ୍ରପାତ ହେଲାପରି ଅନୁଭବ କଲା ବୀଣା । ଧାଇଁ ଯାଇଁ ଖଟ ଉପରେ ମୁହଁମାଡ଼ି ଶୋଇ କଇଁ କଇଁ ହୋଇ କାନ୍ଦି ଉଠିଲା ।

ସୁଚନ୍ଦ୍ରା ମୁହଁକୁ ବକ୍ରଚକର ଯାଉ ଯାଉ କହିଲା—ଆଜ ଏ କର୍ମୀର କାନ୍ଦଣା କାହିଁକ ?

ଛୁଟିଥିଲେଣ ରାମକୃଷ୍ଣ କଲକତା ବାହାରିଲା । ବ୍ୟର୍ଥ ପ୍ରଣୟର ହାଗ କଠିନ କର୍ତ୍ତବ୍ୟ ମଧ୍ୟରେ ଭୁଲିଯିବା ତାର ଲକ୍ଷ । ରାମକୃଷ୍ଣର ଆକସ୍ମିକ ବଦାୟରେ ଘର ଭିତରେ ଚୁପ୍ ଚୁପ କଥା ବାର୍ତ୍ତାର କ୍ଷୀଣ ସ୍ରୋତ କହିବାକୁ ଲଗିଲା । ସୁଚନ୍ଦ୍ରା ବୀଣାକୁ ପଦେ ଅଧେ କଡା କଥା କହିବାକୁ ଛାଡ଼ିଲାନ ।

ବୀଣାର ଜୀବନ ଦୁଃଖମୟ ହୋଇ ଗଲା । ଯୋଉ ନଣନ୍ଦ ଘଡ଼ିଏ ନଦେଖିଲେ ବ୍ୟାକୁଳତା ହୋଇ ଯାଉଥିଲା, ସେ ମୁହଁ ମୋଡ଼ିଲା । ଶାଶୁ ସେଇ ରୋଗ ଶଯ୍ୟାରୁ ଖୋଣ୍ଟା ଦେବାକୁ ଆରମ୍ଭ କଲେ । ସାଇପଡ଼ଶାରେ ଅଲକ୍ଷଣୀ ବୋଲି କହିଲେ ।

ଚଳଚିତ୍ର ପରି ତା ଆଖିଆଗରେ ଭାସି ଆସିଲା ଅତୀତର ଅନେକ କଥା । ତାର ବିବାହ । ତରୁଣ ସ୍ୱାନ୍ତ, ବିଶ୍ୱନାଥ, ମଦ୍ରକୃଷ୍ଣ, ଅନ୍ତର୍ଯ୍ୟାମି ରାମକୃଷ୍ଣ, ସୁଚନ୍ଦ୍ରା । କାହାରିକ ସେ ଆପଣାର କର ପାରିଲାନ । ରାମକୃଷ୍ଣକୁ ପାଇବା ଆଶା ସକାଳର କାକର ପରି ଅଦୃଶ୍ୟ ହୋଇ ଯାଇଛି । ସକଳ ଆଶା ନିରାଶାରେ ପରିଣତ ହେଲେ ମଣିଷ ସ୍ଥିର ସିଦ୍ଧାନ୍ତରେ ଉପନୀତ ହୋଇପାରେନ । ଚାରିଆଡ଼ ତାକୁ ଅନ୍ଧକାର ଦେଖାଯାଏ । ବୀଣାର ଅବସ୍ଥା ଆଜ ଠିକ୍ ସେଇଆ ହୋଇଛି ରାମକୃଷ୍ଣ ଦୂରେଇ ଯାଇଛି । ସ୍ୱାମୀ ସ୍ତ୍ରୀ ସଂପର୍କ କ୍ରମେ କ୍ରମେ କମି ଆସୁଛି ।

ସ୍ୱାମୀଙ୍କର ମୁହଁରୁ ଯେତେ ଅସାର ବୋଲାକଥା ଲାଗି ସ୍ତ୍ରୀ ଶାଶୁଘରର ସମସ୍ତ ଗଞ୍ଜଣା ଅମ୍ଳାନ ବଦନରେ ସହିଯାଏ । ବାପଘର ସ୍ନେହ ବନ୍ଧନ ଭୁଲି ଯାଏ । ନିବିଡ଼ ଆଶ୍ଳେଷ ପାଇବା ଆଶାରେ ବିଦେଶୀ ସ୍ୱାମୀର ବାଟକୁହିଁ ଚାହିଁଥାଏ । ଦିବସର କ୍ଲାନ୍ତ ସ୍ୱାମୀର ଛାତି ଉପରେ ମୁଣ୍ଡ ରଖି ଦୂର କରେ । ଅଭିଳାଷ ପୂରଣ ନହେଲେ ମନ କୁଳ ଡେଇଁ ଏଣେ ତେଣେ ଧାଏଁ ।

ସାମାଜିକ ବ୍ୟବସ୍ଥା ପ୍ରତି ଅଭିଶାପ ବର୍ଷଣ କରି ବାଣୀ ମନେ ମନେ ସ୍ଥିର କରିବାକୁ ଯାଉଛି ତାର ସ୍ୱପ୍ନେ ଯନ୍ତ୍ରା । ପୁରୁଷ ଆଉ ସ୍ତ୍ରୀର ସମ୍ପର୍କ ମଧୁର ନହେଲେ । ପୁରୁଷ ସ୍ତ୍ରୀର ଜୀବନ ଯୌବନ ପ୍ରତି ସମ୍ମାନ ପ୍ରଦର୍ଶନ ନକଲେ ନାରୀ କାହିଁକି ପୁରୁଷର ଦେହାନ୍ତର ଘର ନୀରବରେ ମୁଣ୍ଡ ପୋତି ସହିବ ? କାହିଁକି ସେ ସମାଜର ନୀତି ମାନିବ ?

ବାଣୀ ଗୁହିଁଛି ନିଜର ସଂସାର । ଶାମକୃଷ୍ଣର ଔଦାସୀନ୍ୟ, ଅବହେଳା ତାର ଆଶା ଆକାଶ କୁସୁମ ହୋଇଛି । ବାଣୀ ମନ ବିଦ୍ରୋହ କରୁଛି । ପୁରୁଷର ଶତ ଦୁର୍ବଳତା ସତ୍ତ୍ୱେ ସେ ଯଦି ନାରୀର ସାମାନ୍ୟ ତ୍ରୁଟି ମାର୍ଜନା କରିବାକୁ ଅକ୍ଷମ ଓ ଦୁର୍ବଳ ତେବେ ସେ କାହିଁକି ତାଙ୍କର ବାଟକୁ ଚାହିଁ ଶାଶୁ ଘରର ଯାତନାମୟ ପରିବେଶ ମଧ୍ୟରେ ରହିବ ? ଭରା ଯୌବନରେ ଉଚ୍ଛୁଳମାନ୍ତ ସୌନ୍ଦର୍ଯ୍ୟର ଅଧିକାରିଣୀ ହୋଇ ସେ କାହିଁକି ସ୍ୱାମୀର ଅବହେଳାରେ ଅବହେଳିତା ହେବ ?

ପାଇବାର ଆଶାଥିଲେ ପ୍ରାଣୀ ପ୍ରତୀକ୍ଷା କରେ । ଦୁଃଖ ମୁଣ୍ଡ ପାତି ସହେ । ବାଣୀ ଅସହ୍ୟନ ହେଉଛି । ବାଣୀ ବାପଘରକୁ ଗଲା ।

ବୀଣା ବାପଘର କୋଠା ଉପରେ ଠିଆ ହୋଇ ଚାହିଁ ରହିଛି । ପଶ୍ଚିମାଞ୍ଚଳେ ଲୁଚି ଯାଉଥିବା ସୂର୍ଯ୍ୟଙ୍କର ସୁନେଲି କିରଣମାଳା ଆଡ଼େ । ଧରାରେ ଜମି ଆସୁଛି ଘନ କଳା ଅନ୍ଧକାର । ଶାନ୍ତ ନୀରବ ପରି ସନ୍ଧ୍ୟା ଅପସରି ଯାଉଛି । ଅଦୂରରୁ ଭାସି ଆସୁଛି ଗୋପାଳ ବାଳକର ଶୀତଳ ସଙ୍ଗୀତ ।

ବିବାହର ଦୁଇ ବର୍ଷ ପରେ ବୀଣାର ଜୀବନର ସବୁକିଛି ଓଲଟପାଲଟ ହୋଇ ଯାଇଛି । ଯୌବନ ତଟରେ ତାର ଦେଖା ଦେଇଛି ବର୍ଷାନ୍ତ କାଳ । ସୀମିତ ଜୀବନ ତାର ଲକ୍ଷ୍ୟହୀନ ହୋଇଛି । ହୃଦୟସାଗରରେ ଅକାଳ ଝଡ଼ ମୁଣ୍ଡ ଟେକୁଛି ।

ସ୍ୱାମୀ ସୁଖରୁ ବଞ୍ଚିତା ହୋଇ ସେ ଧାଇଁ ଆସିଛି ବାପଘରକୁ ବିଶ୍ୱନାଥର ଉପଦେଶ । ଅନ୍ତର୍ଯ୍ୟାମୀର ଆଦର ଯତ୍ନ ସବୁରବୋଲା କଥା ତାକୁ ଦେବ ଆଶ୍ୱାସନା । ମା ଭଉଣୀଙ୍କ ନିକଟରେ ସେ ଭୁଲିଯିବ ତାର ଦୁଃଖ ।

ପଲ୍ଲୀସନ୍ଧ୍ୟାର ଥମଥମ ପରିବେଶ ରେ ବୀଣାର ମନବୀଣାରେ ବେସୁରା ରାଗିଣୀ ବାଜୁଛି । କ୍ଲାନ୍ତନୟନ ବେଳ ତାର ଆଜି ଆନତ । ଆଖିରେ ଭରିଯାଇଛି ଅଶ୍ରୁ । ସଞ୍ଜହେଇ ପଲ୍ଲୀବଧୂ ଫେରିଲେଣି ଘରକୁ । ସ୍ୱାମୀ ତାର ଆସିବେ । ଲାଜଭରା ମୁହଁରେ ଓଢ଼ଣା ଟାଣି ସେ ଧୀରେ ଧୀରେ କହିବ ମନର ଗୋପନକଥା । ରାତିର ନୀରବ ଅନ୍ଧକାରରେ ସ୍ୱାମୀର ଛାତିରେ ମୁଣ୍ଡରଖି ଶୁଣିବ ପରୀରାଇଜର କାହାଣୀ ।

ବୀଣା ଆଜ ଶୂନ୍ୟହସ୍ତା । ବିବାହକରି ମଧ୍ୟ ବୈବାହିକ ସୁଖ ଫାଟି ଫୋଟକା ପରି ଫୁଟି ଯାଇଛି । ସଂସାର ସାଗରରେ ଡ଼ଙ୍ଗ ।ତାର ବୁଡ଼ ଯାଉଛି । ସେ ଖୋଜୁଛି ଆଶ୍ରୟ ।

ସ୍ମୃତିତାର କରୁଣ ହେଲା । ଅଶାନ୍ତ ଅନଳ କୋମଳ ତନ୍ତ୍ରୀ ଗୁଡ଼ିକୁ ଜାଳିଲା ।

ତଳେ ଅପାକୁ ନ ଦେଖି ବାଣୀ ଉପରକୁ ଗଲା । ଦୁଃଖିତା ଅପା'ର ମନଦୁଃଖ ସେ ଜାଣିଛି । ଅବସ୍ଥା ବଦଳେଇ ଦେବାଲାଗି କହିଲା—ଅପା ତଳକୁ ଆ, ଏକୁଟିଆ ଏଠି କାହିଁକି ଠିଆ ହୋଇଛୁ ?

ବାଣୀର କଥାରେ କାନ୍ଦ ଉଠିଲା ବୀଣା । ସାନଭଉଣୀକୁ କୁଣ୍ଢେଇ ସେ ଫୁଲି ଫୁଲି କାନ୍ଦିବାକୁ ଲାଗିଲା । ଖୋଲା ଆକାଶ ତଳେ ଦିଭଉଣୀ କାନ୍ଦି କାନ୍ଦି ମନର ବେଦନା ମେଣ୍ଟେଇ ତଳକୁ ଆସିଲେ ।

ବୀଣା ଅବସ୍ଥାରେ ପରିବର୍ତ୍ତନ ହେଲାପରେ ବାଣୀ ଅପାକୁ ଖଣ୍ଡେ ଚିଠି ଦେଇ କହିଲା—ଅନ୍ତର୍ଯାମୀ ନନା ଦେଇଛନ୍ତି । ତାଙ୍କର କୁଆଟେଡ ଦୂରକୁ ବଦଳି ହୋଇଯାଇଛି ।

ଅନ୍ତର୍ଯାମୀର ଚିଠି ଖଣ୍ଡିକ ହାତରେ ଧରି ବୀଣା କାନ୍ଦିଲା । କାନ୍ଦିବାହିଁ ଅସହାୟା ନାରୀର ସମ୍ବଳ । ପ୍ରେମାନୁରାଗିଣୀ ବୀଣା ଆଜ ହତାଶାର ସାହାରାରେ ଛଟପଟ ହଉଛି । ବାଣୀ ଅବିବାହିତା । ସେ କଣ ବୁଝିବ ବୀଣାର ମରମ ବେଦନା ? ପୁରୁଷର କଠିନ କର ପେଷଣରେ ଲଜକୁଳି ଲତାପରି ଝାଉଁଳି ପଡ଼ିଥିଲେ ସିନା ହୃଦୟ ବେଦନା ବୁଝିହେବ ।

ବୀଣା ଚିଟି ଖୋଲିଲା ।

ବୀଣା,

କର୍ତ୍ତବ୍ୟର କଠୋର ତାଡ଼ନାରେ ମୁଁ ଆଜି ଦୂରେଇ ଯାଉଛି ତୁମର ଦୃଷ୍ଟି ସୀମାରୁ । ତୁମେ ତୁମର ସୁଖର ସଂସାର ଭିତରେ ମୋତେ ଭୁଲିଯିବାକୁ ଚେଷ୍ଟା କର । ତୁମ ପ୍ରତି ମୋର ଦୁର୍ବଳତା ଥିଲା । ଦୁର୍ବଳତା ନ ଥିଲେ ଭଲପାଇବା ଗାଢ଼ତର ହୋଇପାରେନା । ତୁମର ଆଦର୍ଶ ମୋ ହୃଦୟ ପଟରେ ଲିଖିତ ହୋଇ ରହିଲା ସବୁଦିନ ପାଇଁ । ଅତୀତକୁ ଅତୀତରେ ରଖି ବର୍ତ୍ତମାନକୁ ସରସ କର । ଭବିଷ୍ୟତ ତୁମର ସରସ ହେଉ । ଇତି ।

ଅନ୍ତର୍ଯ୍ୟାମୀ

ବୀଣା ପଢ଼ାଶେଷକଲା ବେଳକୁ ଚିଠିଟି ଲୁହରେ ଓଦା ହୋଇ ଗଲାଣି । ଶ୍ୟାମକୃଷ୍ଣର ଅବହେଳା ଅନ୍ତର୍ଯ୍ୟାମୀର ଆଦରରେ ଭୁଲି ଯାଇଥାନ୍ତା । କିନ୍ତୁ ସେ କାମନା ଆଜି ଆକାଶକୁସୁମ ହୋଇଯାଇଛି ।

ଦୁର୍ଭାଗ୍ୟ କେବେ ଏକାକୀ ଆସେନା । ସାଙ୍ଗରେ ଆଣିଥାଏ ଅଶାନ୍ତି ଦୁର୍ବିପାକ ରୋଗ, ଦୁର୍ଘଟଣା । ବୀଣା ଯେଉଁ ଡାଳକୁ ଧରୁଛି ସେ ଡାଳ ଛିଣ୍ଡୁଛି ।

ବୀଣା ରୋଗଶଯ୍ୟାରେ । ସୁଗଠିତ ସୁସ୍ଥ ତନୁ ଯୋଉଥାଇ ସାରହୀନ ହେଲାପରି ବୀଣାର ଅନ୍ତର ହୋଇଛି ସାରହୀନ । ଗଭୀର ମାନସିକ ଦୁଶ୍ଚିନ୍ତାରେ ସେ ହରେଇ ବସିଛି ଆତ୍ମତୃପ୍ତି ଓ ବଞ୍ଚିବାର ଶକ୍ତି । ମନର ଅସ୍ଥିରତା ଓ ଅସୁସ୍ଥତା ସଙ୍ଗେ ଶାରୀରିକ ପୀଡ଼ା ତାକୁ

କରୁଛି ଶଯ୍ୟା ଶାୟିନୀ । ଗିରି ଝରଣାପରି ଚପଳା ବାଣୀ ପଥର ପାଲଟିଛି । ସଜଫୁଟା ଗୋଲାପ-ସୁନ୍ଦର ମୁଖମଣ୍ଡଳ ହେଇଚି ନିଷ୍ପ୍ରଭ ହରିଣୀ ଜିଣା ନୟନ ହେଇଛି ଗତିହୀନ । ଚିକ୍କଣ ଗଣ୍ଡମଣ୍ଡଳ ହେଲାଣି ରକ୍ତହୀନ । ସୌନ୍ଦର୍ଯ୍ୟର ପ୍ରତି ମୂର୍ତ୍ତି ବାଣୀ ଅସୁନ୍ଦର ତାର କେନ୍ଦ୍ରସ୍ଥଳୀ ହୋଇଛି ।

ବାଣୀ ଅପାର ପାଖ ଛୁଟେଇନାହିଁ । ବାଣୀର ଜମଅବକାଶରେ ସେ ଦୁଃଖିତା ହୋଇଛି । କଅଁଳ କୁମାରୀ ଜୀବନ ନେଇ ବାଣୀ ଦୁନିଆକୁ ଭାବିଥିଲା ରଙ୍ଗୀନ ଓ ସୁନ୍ଦର କିନ୍ତୁ ବାଣୀର ବିପର୍ଯ୍ୟୟ ତା ପ୍ରାଣରେ ସୃଷ୍ଟି କରିଛି ଗଭୀର ବେଦନା । ରଙ୍ଗୀନ ସ୍ୱପ୍ନ ତାର ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ନଷ୍ଟ ହୋଇଛି । ମନ ତରଙ୍ଗରେ ସେ ଚଞ୍ଚଳ କରୁଛି ଅପାର ବିବାହ ଓ ତାର ପରିଣତି ।

ନାରୀ ଜାତିର ଏ ନିର୍ମମ ପରିଣତି ନିମନ୍ତେ କିଏ ଦାୟୀ ତାର ସ୍ୱଭାବ ବାଣୀ କରିପାରିନ । ଆଉତ ସେ ନିଜକୁ ଧରି ସେ କ୍ଷତବିକ୍ଷତା ହୋଇ ଶଯ୍ୟା ଶାୟୀ ହୋଇଛି ।

ଡାକ୍ତର ମତଦେଲେ ମେଣ୍ଟାଲ ସକ୍ । ମନର ପରିବର୍ତ୍ତନ ନିମନ୍ତେ ଚେଷ୍ଟାକଲେ ଯଦିକିଛି ଫଳ ଫଳେ ତେବେ ଶାରୀରିକ ଅସୁସ୍ଥତା କ୍ରମେ କମି ଆସିବ ।

ରାମକୃଷ୍ଣର ଚିନ୍ତାଧାରା ଗୋଳମାଳିଆ ହୋଇଗଲା । ବାଣୀର ଏ ଅବନତି ତାର ମନରେ ପ୍ରବଳ ଆଲୋଡ଼ନ ସୃଷ୍ଟି କଲା ।

ସେଇଦିନ ଠାରୁ ସେ ଘରକୁ ଯାଇନି । ବୀଣା ନିକଟକୁ କୌଣସି ଚିଠି ବି ଦେଇନି । ନିଜ ଇଚ୍ଛାରେ ବୀଣାକୁ ସେ ପସନ୍ଦ କରିଥିଲା । ବୀଣାର ଭାଇ ସଙ୍ଗେ ତାଙ୍କ ଘରକୁ ଯାଇ ବୀଣାର ସୌନ୍ଦର୍ଯ୍ୟରେ ମୋହିତ ହୋଇଥିଲା । ବିବାହ ପରେ ବନ୍ଧୁ ଓ ବୋହୂ ମଧ୍ୟରେ ଭାରସାମ୍ୟ ରକ୍ଷିବାକୁ ଚେଷ୍ଟା କରିଥିଲା । କୌଣସି ଦିନ ବୀଣାର ଅବହେଳା କରି ନଥିଲା । ତେବେ ବୀଣା କାହିଁକି ବାଟ ବଦଳିଲା ? ବେଳେ ବେଳେ ଏଇମିତି ଚିନ୍ତା କରେ । ରାମକୃଷ୍ଣ ଶେଷଆଡକୁ ଆଉ ଭାବିପାରେନି ।

କ୍ଲାସରେ ବେଳେ ବେଳେ ଅନ୍ୟମନସ୍କ ହୁଏ । ପ୍ରଫେସରଙ୍କର ଗବେଷଣା ପୂର୍ଣ୍ଣ ବକ୍ତୃତା ତାର ମନ ଦଖଲ କରିପାରେନି । ପ୍ରଫେସର ମହାନ୍ତି ବିରକ୍ତ ହୁଅନ୍ତି । କିନ୍ତୁ ରାମକୃଷ୍ଣଙ୍କର ପରିବର୍ତ୍ତନ ହୁଏନି ।

ଅତି ଆପଣାର ବ୍ୟକ୍ତି ଠକିଲେ ଅନ୍ତର ଜଳିଉଠେ । ନିଜର ବିବାହିତା ପତ୍ନୀ ପରପୁରୁଷ ନିକଟରେ ପ୍ରେମ ନିବେଦନ କଲେ ପୁରୁଷ ନୃଶଂସ ହୁଏ । କୁସୁମେ କାଠ ରାମକୃଷ୍ଣର ସେପର୍ଯ୍ୟନ୍ତ ହୁଏନା ।

ରାମକୃଷ୍ଣର ଏ ବ୍ୟତିକ୍ରମ ଲକ୍ଷ କରୁଥାଏ ଉଷା । ଲମ୍ବା ପତଳା ଗୋରା ଝିଅଟିଏ ରାମକୃଷ୍ଣର ସହପାଠିନୀ । କ୍ଲାସରୁ ବାହାରି ଗଲାବେଳେ ରାମକୃଷ୍ଣ ପାଖକୁ ଯାଇ କହେ—ରାମକୃଷ୍ଣ ବାବୁ ? ଆପଣଙ୍କର ଦେହ କଣ ଅସୁସ୍ଥ ?

ରାମକୃଷ୍ଣ ଠିଆ ହୋଇ ଯାଏ । ଉଷା ମୁହଁକୁ ଚାହେଁ । ନାଲି ଓଠ ଧାରେ ଧାରେ ଉଷାର ଖେଳୁଥାଏ ସ୍ମିତହସ । ଆଖିରେ ତାର ଆଶାର ଚମକ । ରାମକୃଷ୍ଣର ଚାହାଣୀ ରେ ସେ ମୁହଁ ପୋତି କହେ —କ୍ଷମା କରିବେ ।

ଉଷା ଭୁଲିଯାଏ । ରାମକୃଷ୍ଣ ନୀରବରେ ତାର କଥା ଭାବେ । ଉଷା ବାସ୍ତା ଏକ ଜ୍ୟୋସ୍ନାମୟୀ । ନାରୀ । ତାକୁ ଠକୁଛି । ଉଷା ଭଲପାଇବାକୁ ଚେଷ୍ଟା କରୁଚି । ତା ସମ୍ମୁଖରେ ନାରୀ ଏକ ରହସ୍ୟବୃତ୍ତ ଅବୋଧ ଭାବ ଭରି ମନେ ହୁଏ । ସନ୍ଦେହପ୍ରବଣ ତାର କାହାରିକୁ ବିଶ୍ୱାସ କରେନା । ରାମକୃଷ୍ଣର ସ୍ୱାସ୍ଥ୍ୟର କ୍ରମ ଅବନତି ଉଷା ଲକ୍ଷକରେ । ବ୍ୟସ୍ତହୁଏ । ସେ ରାମକୃଷ୍ଣକୁ ଦେଖିଲା କ୍ଷଣି ତା ମନରେ ଦୁର୍ବଳତା ଦେଖା ଦେଉଛି । ସ୍ଥିର ମନ ତାର ଅସ୍ଥିର ହୋଇଛି । ରାମକୃଷ୍ଣର ଚଞ୍ଚଳତା ଲୁଚି ଯାଉଚି । ସଦା ହସ ହସ ମୁହଁଟି ଭାରି ମଳିନଭାବେ ଭରିଯାଇଚି ।

ରାମକୃଷ୍ଣ ବି: ଏ. ପାଶ କରିବା ପରେ ପରେ ଏମ: ଏ. ପଢ଼ିବାକୁ ମନବଳେଇନି । ତାର ମାନସିକ ଅଶାନ୍ତି ତାର ପ୍ରଧାନ କାରଣ ଉଷା ତାର ବି: ଏ. ଶ୍ରେଣୀର ସହପାଠିନୀ । ଅତଏବ ଆସି ଶିକ୍ଷକ ତାଲିମ କଲେଜରେ ଯୋଗଦେଇଛନ୍ତି ।

ଶିକ୍ଷକ ଜୀବନ ଶାନ୍ତିମୟ । ସହରଠାରୁ ଗାଁ ଗହଳର ପ୍ରାକୃତିକ ପରିବେଷ୍ଟନୀ ମଧ୍ୟରେ ଜୀବନ ଯାପନ କରିବାର ସୁବିଧା ମିଳିବ । ଶହ ଶହ ଛାତ୍ର ଛାତ୍ରୀଙ୍କ ମେଳରେ ଶିକ୍ଷକକୁ ଦୁଃଶ୍ଚିନ୍ତା ଗ୍ରସ୍ତ ହେବାକୁ ଅବସର ମିଳେନା । ରାମକୃଷ୍ଣ ଶିକ୍ଷକତା କରିବା ଉଦ୍ଦେଶ୍ୟରେ ହିଁ ତାଲିମ ନେଉଛି ।

ତାଲିମ କଲେଜର ଅଧ୍ୟକ୍ଷ ଓ ଅଧ୍ୟାପକ ମାନଙ୍କର ସସ୍ନେହ ଆଦର ଯତ୍ନ ଓ ପ୍ରାଣଖୋଲା ମିଳାମିଶାରେ ରାମକୃଷ୍ଣ ଉତ୍ଫୁଲ୍ଲିତ ହୋଇଛି । ଦୈନନ୍ଦିନ ଗୁରୁକର୍ତ୍ତବ୍ୟ ମଧ୍ୟରେ ସେ ନିଜକୁ ବୁଡ଼େଇ ରଖି ଚେଷ୍ଟାକରୁଛି ଭୁଲିଜିବା ଘର୍ତି ତାର ଅତୀତ । ବର୍ତ୍ତମାନରେ ହିଁ ଶାନ୍ତି ପାଇବା ହେଉଛି ତାର ଲକ୍ଷ । ବୀଣାଝଙ୍କୃତ ସମେ ଧୂଆଁ କଣା ହୋଇ ଯାଉଥିଲା ବେଳେ ଉଷାର ସାନିଧ୍ୟ ତାର ପୁରାତନ

ଛାତିରେ ଜ୍ୱାଳା ଆରମ୍ଭ ହୋଇଛି । ପୁଣି ଦେଖାଦେଉଛି ତାର ଅନ୍ୟମନସ୍କତା ।

କିନ୍ତୁ ରାମକୃଷ୍ଣ ଉଷାର ନିକଟବର୍ତ୍ତୀ କେବେ ହେଉନି । ସମସ୍ତେ ପରିହାସ କଲାବେଳେ ରାମକୃଷ୍ଣ ନୀରବ ଥାଏ । ରାମକୃଷ୍ଣର ଏ ବ୍ୟତିକ୍ରମ ଉଷା ଲକ୍ଷକରେ । ତା ଗ୍ଲାଏଁ ଗ୍ଲାଏଁ ସେ ରାମକୃଷ୍ଣର ନିକଟବର୍ତ୍ତୀ ହେଉଛି । ତା ସଙ୍ଗେ କଥାବାର୍ତ୍ତା କରିବା ପାଇଁ ଚେଷ୍ଟା କରୁଛି । ରାମକୃଷ୍ଣ ଉଷାର ନିକଟବର୍ତ୍ତୀ ହେଲେ ବାଟ ଭାଙ୍ଗି ଚାଲିଯାଏ । ପୁରୁଷ ହୃଦୟ ଜୟ କରିବାର ଗର୍ବ ତାର ଭାଙ୍ଗି ଯାଉଛି ।

ଏ ସବୁ ଅତୀତର କଥା । ଏବେ ପୁଣି ସେମାନେ ଏକତ୍ରିତ ହୋଇଛନ୍ତି । ତାଲିମ କଲେଜର ସୀମିତ ପରିବେଶ ମଧ୍ୟରେ । ଉଷା ଓ ରାମକୃଷ୍ଣ ଏକ କଲେଜର ପୂର୍ବ ଛାତ୍ର ଓ ଛାତ୍ରୀ ଅନ୍ୟମାନେ ସମସ୍ତେ ଅପରିଚିତ ।

ରାମକୃଷ୍ଣର ନିର୍ଲିପ୍ତତା ଉଷା ମନରେ ଗଭୀର ଦୁଃଖଦେଉଛି ସେ ବୁଝିବାକୁ ଚେଷ୍ଟା କରୁଛି ରାମକୃଷ୍ଣର ହୃଦୟ ବେଦନା ।

ଆଜିର ଉଷା ଅତୀତର ଚପଳା ଛନ୍ଦମୟୀ ଉଷା ନୁହେଁ । ସେ ସ୍ଥିର ହୋଇଯାଇଛି । ଗ୍ରାମ୍ୟ ସରଳା ପଲ୍ଲୀବାଳାଟିଏ ସାଧାସିଧା ହେଇଯାଇଛି । ରାମକୃଷ୍ଣର ଦାମ୍ଭିକତା ତାକୁ ବାଧ୍ୟ କରୁଛି ପରିବର୍ତ୍ତିତ ହେବାପାଇଁ ।

କିନ୍ତୁ ରାମକୃଷ୍ଣ ମାଡ଼ହେବା ହୋଇ ହଜାଣାବାଣା ହୋଇଯାଇଛି ସୁନ୍ଦରୀ ଯୁବତୀର ହସ ହସ ମୁଖମଣ୍ଡଳ ଦର୍ଶନରେ ସେ ଆନନ୍ଦିତ ହୋଇପାରୁନି । ବନ୍ଧୁ ମାନଙ୍କର ହସ ହସ ପୂର୍ଣ୍ଣ ତରଳ ଚପଳ ଆଲୋଚନାରେ ଯୋଗଦେଇପାରୁନି । ଗଭୀର କର୍ତ୍ତବ୍ୟରେ ନିଜକୁ

ନିମନ୍ତ୍ରିତ କରିଥିଲେ ମଧ୍ୟ ବୀଣାର ସ୍ମୃତି ତାକୁ ବେଳେ ବେଳେ ଅନ୍ୟମନସ୍କ କରୁଛି ।

ସୁଯୋଗ ଥରେ ଆସେ । ସେ ଥରକରେ ଯେ ସୁଯୋଗର ସଦ୍‌ବ୍ୟବହାର କରିପାରେ, ସେ ପାଏ ସବୁଦିନପାଇଁ । ଯେ ହୁଡ଼େ ସେ ସବୁଦିନପାଇଁ ଅନୁତାପ କରେ । ଦୁଃଶ୍ଚିନ୍ତାଗ୍ରସ୍ତ ହୁଏ । ବିରକ୍ତି ଓ ନିରାଶାରେ ମୁଣ୍ଡବାଳ ଛିଣ୍ଡାଏ । କିନ୍ତୁ ଯାହା ହବାର କଥା ତା ହୋଇଯାଏ । ସୁଯୋଗ ସମୟକୁ ଅପେକ୍ଷା କରେନି ।

ଉଷା ନିଜର ଅଜାଣତରେ କ୍ରମେ ରାମକୃଷ୍ଣକୁ ଭଲପାଇ ବସିଲା । ରାମକୃଷ୍ଣର ଚିକ୍କଣ ଶ୍ୟାମଳ ଚେହେରା, ବୁଦ୍ଧି, ବିବେକ, ଉପଯୁକ୍ତ ବ୍ୟବହାରରେ ସେ ଆକର୍ଷିତା ହେଲା । ତା ସଙ୍ଗେ ସଙ୍ଗେ ରାମକୃଷ୍ଣର ସୁଖ ଦୁଃଖରେ ନିଜକୁ ଜଡ଼ିତ କରିବାକୁ ଚେଷ୍ଟାକଲା । ରାମକୃଷ୍ଣ କ୍ରମେ ବୀଣାକୁ ଭୁଲିବାକୁ ଚେଷ୍ଟାକଲା । ଉଷାର ବ୍ୟବହାର, ତରୁଣୀ, ସୌନ୍ଦର୍ଯ୍ୟ ବିଶେଷତଃ ପତଳା ଚେହେରା ପ୍ରଧାନ ଆକର୍ଷଣୀୟ ଥିଲା !

ଅବସର ମିଳିଲେ ରାମକୃଷ୍ଣ ଉଷା ସଙ୍ଗେ କଥାବାର୍ତ୍ତା ହୁଏ । ନିଜର ଅତୀତରେ ଦୁଃଖ ଭୁଲିବାକୁ ଚେଷ୍ଟାକରେ ।

ଉଷା ରାମ କୃଷ୍ଣର ବନ୍ଧୁରୁ ଅନ୍ୟମାନଙ୍କ ସମ୍ମୁଖରେ ସମାଲୋଚନା ବସ୍ତୁ ହୋଇ ଉଠିଲା । ଯୁବକ ବନ୍ଧୁମାନେ ରାମ-କୃଷ୍ଣକୁ ଉପହାସ କରନ୍ତି । ବିବାହ ପ୍ରସ୍ତାବ ପଡ଼ୁବୋଲି ମନ୍ତବ୍ୟ ପ୍ରକାଶ କରନ୍ତି । କିନ୍ତୁ ରାମକୃଷ୍ଣ ବିଚଳିତ ହୁଏନି । ଉଷାକୁ ସବୁ ଶୁଣାଏ । ଉଷା ହସେ, ମଝିରେ ମଝିରେ କହେ—ସେମାନଙ୍କ ମନ୍ତବ୍ୟ ସତ୍ୟରେ ପରିଣତ ହେଲେ ସେମାନଙ୍କର ମୁହଁ ବନ୍ଦ ହୋଇଯିବ ।

ରାମକୃଷ୍ଣ ଉଷାର କଥାରେ ଚମକି ପଡ଼େ । ଉଷା ନଜରୁ ଲୁକେଇଯାଏ । ଚିକ୍କଣ ଶୁଭ୍ର ଚିବୁକ ଉପରେ ନାଲି ରଙ୍ଗ ଉକୁଟି ଉଠେ । ସେ ସ୍ଥାନ ତ୍ୟାଗକରି ଚାଲିଯାଏ । ରାମକୃଷ୍ଣ ଉଷାର ଯିବା ବାଟକୁ ଚାହିଁ ଚିନ୍ତାକରେ—ସେ କଣ ସତରେ ଉଷାକୁ ବିବାହ କରି ପାରିବ ? ଅସମ୍ଭବ । ସେ ବିବାହିତ । ଘରେ ତା ସ୍ତ୍ରୀ ଅଛି । ସମାଜରେ ନିଜର ଦୁଃଖ ଦୁଃଶ୍ଚିନ୍ତା ପ୍ରକାଶିତ କରିବା ଉଚିତନୁହେଁ । ବିବାହ ପରେ ସବୁ ଫୁଟି ଉଠିବ । ଉଷା ଜାଣିବ । ବାପ ମାଆ ଜାଣିବେ । ସାମାଜିକ ମାନ ସମ୍ମାନ ସବୁ ନଷ୍ଟହୋଇଯିବ ।

ରାମକୃଷ୍ଣ ଚିନ୍ତା କରି ପାରେନି । ଦେଖେ ଆଗରେ ଉଷାର ପଣତ ଲୁଚି ଯାଉଛି । ଆଖି ସମ୍ମୁଖରେ ତାର ସପନ ପ୍ରତିମା ପରି ଉଷାର ମୁଖମଣ୍ଡଳ ଝଲସି ଉଠେ । କ୍ରମେ ଉଷା ମୁହଁ ପାଖରେ ଅସ୍ପଷ୍ଟହୋଇ ବୀଣାର ମୁହଁଟି ଦେଖାଯାଏ—ବୀଣା ଆଖିରୁ ଝରୁଛି ଲୁହ । ମୁହଁ ଶୁଖିଯାଇଛି । ବୀଣାର ସୁନ୍ଦର ପୂରନ୍ତା ମୁଖମଣ୍ଡଳ ନିଷ୍ପ୍ରଭ ହୋଇଯାଇଛି ।

ରାମକୃଷ୍ଣର ମନ ବୀଣାର ସବୁତକ ତାର ଏକଧାରକେ ଛିଣ୍ଡି ଛିନ୍ନ ଭିନ୍ନ ହୋଇଯାଏ । ଅବ୍ୟକ୍ତ ସମ୍ମିଳିତ ଧ୍ୱନି ପ୍ରକାଶ କରି ହୃଦୟରୁ ତାର ଚିତ୍କାର କରି ଉଠେ । ରାମକୃଷ୍ଣ ବସାକୁ ଫେରେ ।

ଛାତ୍ର ଛାତ୍ରୀ ଅଧ୍ୟାପକ ମାନଙ୍କ ଗହଣରେ ରାମକୃଷ୍ଣ ଭ୍ରମଣରେ ବାହାରନ୍ତି । ବାହାରେ ବୁଲି ଆସିଲେ ମାନସିକ ପରିବର୍ତ୍ତନ ହେବାର

ଅନେକ ସମ୍ଭାବନା । ଶାରୀରିକ କ୍ଲାନ୍ତି ମାନସିକ ଅବସାଦ ଦୂର କ ହଏ ।

ସେଦିନ ରବିବାର । ଦୁଇ ତିନିଦିନ କ୍ରମାଗତ ଭାବେ ବର୍ଷା ହୋଇଯିବା ପରେ ଆକାଶ ପରିଷ୍କାର ହୋଇଯାଇଥାଏ । ରାସ୍ତା ଘାଟରେ ଧୂଳି ନଥାଏ । ରବିବାର ସକାଳଟା କଟକ ରାସ୍ତାର ଗହଳ ନଥିବା ଭଳି ଜଣାପଡ଼େ । ଚାକିରିଆ ମାନେ ନିଜ ନିଜ ବସାରେ ନେଉଥାନ୍ତି ସପ୍ତାହଶେଷ ବିଶ୍ରାମ । ଅଳସୁଆ ସହର ବସି ବସି ହାଇ ମାରୁଥାଏ ଯିମିତି । କାଁ ଭାଁ ଟୋଟୋ ଘଣ୍ଟା ରିକ୍ସା, କାର୍ ସାଇକେଲ୍ ରାସ୍ତାର ନିର୍ଜନତା ଭଙ୍ଗ କରୁଥାଏ ।

ଟାଉନ କଲେଜର ଛାତ୍ରଛାତ୍ରୀମାନେ ଆବଶ୍ୟକୀୟ ଜିନିଷପତ୍ର ବ୍ୟାଗରେ ଭରି, ବ୍ୟାଗଟିମାନ କାନ୍ଧରେ ଝୁଲେଇ ଚାଲିଲେ ଷ୍ଟେସନ ଆଡ଼େ । ଆଜି ଚାଲି ଚାଲି ସେମାନେ ରାସ୍ତା ଘାଟ ପ୍ରାକୃତିକ ଅପ୍ରାକୃତିକ ଦୃଶ୍ୟାବଳୀ ଦେଖିବା ଲାଗି ଇଚ୍ଛା କରିଛନ୍ତି ।

ଟାଉନ କଲେଜର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନାହିଁ ଅବିଶ୍ୱାସ ଓ ସନ୍ଦେହ । ହୃଦୟ ଖୋଲି ସେମାନେ ଭାଇ ଭଉଣୀ ଭଳି କଥାବାର୍ତ୍ତା କରନ୍ତି । ସରକାରଙ୍କ ସହଶିକ୍ଷା ଯୋଜନା ଏଠାରେ ଯିମିତି ସତକଥା ଶତେ ସଫଳ ହୋଇଛି । ଭବିଷ୍ୟତ ଜୀବନ ସଂଗ୍ରାମ ଲାଗି ପ୍ରସ୍ତୁତ ହେଲାବେଳେ ସେମାନେ ଏଠାରେ ସମସ୍ତେ ସମାନବୋଲି ଅନୁଭବ କରନ୍ତି । ସମସ୍ତଙ୍କର ଏକ ଲକ୍ଷ୍ୟ, ଗୁଣଗ୍ରାହୀ କଲେ ସମସ୍ତଙ୍କର ହେବ ସମାନ ଦରମା ।

କଟକ ଷ୍ଟେସନ । ଜନାକୀର୍ଣ୍ଣ କଟକ ସହରର ସ୍ୱାଭାବିକ ଜନଗହଳି ଅପରିଚ୍ଛନ୍ନତାର ସମାବେଶରେ ଷ୍ଟେସନ ପ୍ଲାଟଫର୍ମ ମୁଖରିତ । ଛାତ୍ର ବୃନ୍ଦଙ୍କ ହସ ହସ ମୁଖମଣ୍ଡଳ ଏକତ୍ରିତ ହେବ

ଯୋଗୁଁ ଷ୍ଟେସନଟି ଯିମିତି ହସି ଉଠିଲା । ପ୍ରାଣ ଖୋଲା ହସ । ଦରଦଭରା କଥା । ଅନାବିଳ ଭାବ ବିନିମୟରେ ଦୁଇଟି ହୃଦୟ ଏକାକାର ହୋଇଗଲା । ଅଧ୍ୟାପକ ଛାତ୍ର ସମ୍ବନ୍ଧ ଯେପରି କେତେ ଘଣ୍ଟା ଲାଗି ଦୂର ହୋଇଗଲା । ଅଧ୍ୟୟନ ଓ ଅଧ୍ୟାପନାର ଗୁରୁତ୍ୱ ଦାୟିତ୍ୱ ଦୂରେଇ ଯାଇଛି ।

ରାମକୃଷ୍ଣ ଏ ପରିବେଶରେ ଉଷାର ନିକଟବର୍ତ୍ତୀ ହୋଇଯାଇଛି କଥାବାର୍ତ୍ତାର ଅଖଣ୍ଡ ସ୍ରୋତ ଭସି ଯାଉଛି । ଏଠି କେହି କାହାକୁ ସନ୍ଦେହ କରିବାର ଅବକାଶ ନାହିଁ । ଉଷା ଆଜି ଛଳ ଛଳ ମଧୁ ଗିରିନିର୍ଝରିଣୀ ପରି ଚପଳା ହୋଇଛି । ହସର ସୁଅରେ ଓଠର ଅରୁଣିମା ବହି ଯାଉଛି । ପତଳା ଅବୟବ ତାର ଥରି ଥରି ଯାଉଛି । ଏକ ସମୟରେ ଅନେକ କଥା କହିବା ଲାଗି ଜିହ୍ୱାତାର ଚଞ୍ଚଳ ହୋଇଛି ।

ମେଘୁଆ ଆକାଶ । ଶୀତଳ ପରିବେଶ । ଉଷା ରାମକୃଷ୍ଣଙ୍କୁ ଅନୁରୋଧ କଲା ଆସନ୍ତୁ—ଚା କପେ ଖାଇବେ ।

ବାଧ୍ୟ ଛାତ୍ରପରି ରାମକୃଷ୍ଣ ଅନୁସରଣ କଲା । ଚା କପ୍‌ଟେ ହାତରେ ଧରି ଉଷା ଆଉ କପେ ରାମକୃଷ୍ଣ ହାତକୁ ବଢ଼େଇ ଦେଲା । ଉଭୟେ ଗରମ ଚା'ର ସଦ୍‌ବ୍ୟବହାର କଲେ । ତାଳଚେର ପାସେଞ୍ଜର ଆସିବା ପାଇଁ ଡେରିରେ ଜବା ଟ୍ରେନ୍ ଗୁଡ଼ାକର ଆଜିକାଲି ଯିମିତି ଏକ ନିଶା ହୋଇଯାଇଛି ।

ଉଷା ନୀରବତା ଭଙ୍ଗ କରି କହିଲା—ଆପଣଙ୍କ ଘର କେଉଁଠି ?

ରାମକୃଷ୍ଣ କହିଲା—ଖୋରଧା ତଳ ଅଞ୍ଚଳର ଏକ ଅଖ୍ୟାତ ପଲ୍ଲୀରେ । ଗାଁର ଶାନ୍ତ ପରିବେଶରେ ମୁଁ ଏଇ ଶିକ୍ଷକ ଜୀବନକୁ ଆଦରି ନେଇଛି ।

କ୍ରମେ ରାମକୃଷ୍ଣ ମୁଖର ହୋଇଉଠୁଛି । କଥା ବାର୍ତ୍ତାରେ ସ୍ପୃହା ବଢ଼ୁଛି ଦେଖି ଊଷା ଆନନ୍ଦିତା ହେଲା । ମନଟିରେ ତାର ଆଶା ସଞ୍ଚାରିତ ହେଲା । ରାମକୃଷ୍ଣ କଥାକୁ ସମର୍ଥନ କରି ଊଷା କହିଲା—ମତେ ପଲ୍ଲୀ ଗାଁ ଭଲ ଲାଗେ । ପିଲାଦିନୁ ସହରରେ ରହି ମଧ୍ୟ ବେଳେ ବେଳେ କଟକ ସହରର ଜନଗହଳି, ଅପରିଚ୍ଛନ୍ନ ଗଳି ମତେ ବ୍ୟସ୍ତବ୍ୟସ୍ତ କରେ । ମନ ଡେଣା ମୋର ଛିନ୍ନ ହୋଇ ଯାଇଛି ।

ଟ୍ରେନ ଆସିବାର ତୃତୀୟ ସଙ୍କେତ ପ୍ଲାଟ ଫର୍ମର ପ୍ରତ୍ୟେକ ଯାତ୍ରୀଙ୍କୁ ଚଞ୍ଚଳ କରି ଦେଲା । ଊଷା, ରାମକୃଷ୍ଣ ତାଙ୍କର ବନ୍ଧୁମାନଙ୍କ ମେଳକୁ ଫେରି ଆସିଲେ ।

ଜର୍ଗୁଣ୍ଡି ଷ୍ଟେସନରେ ଅବତରଣ କରି ଗ୍ରୁପ ଗ୍ରୁପ୍ ଦଳ ପଲ୍ଲୀ ରାସ୍ତାରେ ହୋଇ ଚୌଦ୍ୱାର ଅଭିମୁଖେ ଚାଲିଲେ । ଏହିଭଳି ଲକ୍ଷହୀନ ଭାବେ ବୁଲି ବୁଲି ଶାରୀରିକ କ୍ଲାନ୍ତି ବୃଦ୍ଧି ଭିତରେ ମାନସିକ ପରିବର୍ତ୍ତନ ଆଣିବା ଏ ଭ୍ରମଣର ମୁଖ୍ୟ ଲକ୍ଷ ।

ରାସ୍ତାର ଦୁଇଧାରରେ ଶସ୍ୟକ୍ଷେତ୍ର ପଲ୍ଲୀ ଗାଁ । ସବୁଜ କ୍ଷେତ ଉପରେ ସକାଳର ଖରା ଆଲୋକର ବନ୍ୟା ଛୁଟାଇଥାଏ । ଉତ୍ତରରେ ଖଣ୍ଡେ ଖଣ୍ଡେ ଧଳାକଳା ମିଶା ବାଦଲ ସୂର୍ଯ୍ୟଙ୍କୁ ଅନ୍ତରାଳେ ରଖି ତାର ବିଜୟବାର୍ତ୍ତା ଜଣେଇ ଦେଉଥାଏ । ଗାଁ ଚୁଲି ଉପରୁ ଧୂଆଁ ଉଠି ଆକାଶରେ ମିଶିଯାଉଥାଏ । କର୍ମବୀର କୃଷକ ମୁଣ୍ଡରେ ଗାମୁଛା ଭିଡ଼ି ବିଲମାନରେ କାର୍ଯ୍ୟବ୍ୟସ୍ତ ।

ଊଷାକୁ କେତେକ ସମୟ ପରେ ଖୁସିରେ ଦେଖି ରାମକୃଷ୍ଣ କହିଲା—ପଲ୍ଲୀ ଗାଁକୁ ଭଲ ଲାଗେ ବୋଲି କହୁଥିଲ ସେ ଏଇ ବିଲ ମାଳ, କାଦୁଅ ପଙ୍କ ମଶା ମାଛି । କିନ୍ତୁ ସହରୀ ସଭ୍ୟତାର ଆଡ଼ମ୍ବର ବିହୀନ ପରିବେଶରେ ଆପଣ ସନ୍ତୁଷ୍ଟ ହୋଇ ପାରିବ ।

ସାପୁଆ ବେଣିଟାକୁ ଗୋଟେ ହାତରେ ଟାଣି ଧରି ଊଷା କହିଲା—ମୁଁ ପ୍ରତ୍ୟେକ ପରିବେଶରେ ଖାପ୍ ଖୁଆଇ ନେବି ।

ରାମକୃଷ୍ଣ ଶତ୍ରୁଡ଼ଇବା ଉଦ୍ଦେଶ୍ୟରେ କହିଲା—ପଲ୍ଲୀ ଗାଁକୁ ଦେଖିବାକୁ ଯିନା ଭଲ ଲାଗୁଚି ତା ପାଖକୁ ଗଲେ ଗାଁ । ପରିବେଶରେ ଚଳିବାକୁ ବାଧ ହେଲେ ମନରେ ଏ ମୁଗ୍ଧଭାବ-ରହିବନି ।

ଊଷା ଭାରି ଅଭିମାନିନୀ । କଥା କଥାକେ କଳକରି ବସେ । ମୁହଁ ଫୁଲେଇ କହିଲା—ଆପଣ କଣ ଭାବନ୍ତି ସହୁରି ମାନେ ହିଁ ସବୁ ସହି ପାରନ୍ତି ।

ଊଷାର ଗୋରା ମୁହଁଟି ଲାଲ ହୋଇ ଗଲା । ରାମକୃଷ୍ଣ ଅବସ୍ଥା ଲାଗି କହିଲା—ଠିକ୍ ତା ନୁହେଁ । ଦୂର ପାହାଡ଼ ସୁନ୍ଦର କିନ୍ତୁ ନିକଟକୁ ଗଲେ ପାହାଡ଼ର ପାଦଦେଶର କଣ୍ଟକର ସଂକୀର୍ଣ୍ଣ ରାସ୍ତା ପ୍ରଥମରୁହିଁ ଆପଣଙ୍କୁ ଉପରକୁ ଉଠିବା ପାଇଁ ଅବରୋଧ କରିବ ।

ଊଷା ନିଜର କଥାକୁ ରକ୍ଷା କରିବା ଲାଗି ପୁଣି ଜୋର ଦେଇ କହିଲା—ଆପଣ ଜାଣିନ୍ତନ ମୁଁ କଲେଜରେ ପଢ଼ିବା "ସମସ୍ତରେ ପଲ୍ଲୀମଙ୍ଗଳ ଯୋଜନା" ଅନୁଯାୟୀ ଅନେକ ମଫସଲ ଯାଇଛି । ଗ୍ରାମ ସଫେଇ କାର୍ଯ୍ୟରେ ଯୋଗ ଦେଇଛି, ଗାଁର ଛୋଟ ପିଲାଙ୍କୁ କୋଳେଇ ନାଚେଇ ତୃପ୍ତି ପାଇଛି ।

ରାମକୃଷ୍ଣ ଚୁପ ରହିବାକୁ ପସନ୍ଦ କଲାନି । କହିଲା—ସେ ସବୁ ଅନ୍ୟର ପ୍ରିୟ ପାତ୍ରୀ ହେବା ଉଦ୍ଦେଶ୍ୟରେ ଆପଣ କରି ଥିଲେ । ଆପଣ ପଲ୍ଲୀ ଗାଁର ଝୋଟୁ ମାନଙ୍କ ଦେଖି ନାହାନ୍ତି । ସେମାନଙ୍କର

କଷ୍ଟ କଣ ଜାଣି ନାହାନ୍ତି । ପଲ୍ଲୀଙ୍କ ଶିକ୍ଷା ସ୍ୱାସ୍ଥ୍ୟ ଇତ୍ୟାଦିର ଉଚିତ ବ୍ୟବସ୍ଥା ନାହିଁ । ପଲ୍ଲୀର ବୋହୂ ସହରରୁ ଢଠି ପୁଣି ଅଧିକ ସ୍ୱଚ୍ଛ ପର୍ଯ୍ୟନ୍ତ କାର୍ଯ୍ୟବ୍ୟସ୍ତ ରହେ ।

ଉଷା ପାଟି କରି ଉଠିଲା——ମୁଁ ସବୁଜାଣିଛି, ସବୁଜାଣିଛି । ମୁଁ ତାଠୁ ବେଶୀ କରି ପାରିବ ।

ରାମକୃଷ୍ଣ କଥାର ଚରମ ଅବସ୍ଥା ଆଣିବାକୁ ପଚାରିଲେ——ତମେ ପଲ୍ଲୀ ଗାଁର ବୋହୂ ହେବାକୁ ପସନ୍ଦ କରୁଛ ?

ଉଷାର ମନନଭରି ଉତ୍ଫୁଲ୍ଲ ମୁଖ ହଠାତ୍ କଥାର ଆଘାତ ଦେହରେ ପିଚ୍ଛି ହୋଇଗଲା । ଲାଜରେ ଝାଉଁଳି ପଡ଼ିଲା ପରି ଜଣାଗଲା । ମନେ ମନେ ଲଜ୍ଜିତ ହେଲା । ଭାବିଲା ସେ——ସତରେ କଣ ସେ ପଲ୍ଲୀର ନୂଆବୋହୂ ହୋଇ ପାରିବନି ? ନିଶ୍ଚୟ ହୋଇ ପାରିବ । ପଲ୍ଲୀର କୌଣସି ହାଇସ୍କୁଲରେ ଶିକ୍ଷୟିତ୍ରୀ ହୋଇ ତାର ସଂସାର ସେ ସେଇଠି ଗଢ଼ି ନେବ ।

ନିଜ ଭାବନାରେ ଉଷା କମିତି ଏକ ନୂତନତ୍ୱ ଅନୁଭବ କଲା । ନୂଆ ବୋହୂ ହେବା ତା ଜୀବନରେ କେବେ ଆସିବ । ଓଢ଼ଣା ଟାଣିବାପରି ଶେଯରେ ନିଜର ସ୍ୱାମୀଙ୍କୁ ଅପେକ୍ଷା କରିବ ତୃପ୍ତିରେ ଉଷାର ଆଖି ଓଠରେ ପରିବର୍ତ୍ତନ ଜଣାଗଲା ।

ଉଷାର ଏ ଆକସ୍ମିକ ପରିବର୍ତ୍ତନରେ ରାମକୃଷ୍ଣ ଅଶାନ୍ତି ଅନୁଭବ କଲା । କଣ୍ଠରେ ବ୍ୟଗ୍ରତା ଭରି କହିଲା——ଆପଣ ଦୁଃଖିତ ହେଲେ ବୋଧେ ମୋର ଚପଳତା ପାଇଁ, କ୍ଷମାଦେବେ ।

ଉଷା ସେଠି ଆଉ ବେଶୀ ସମୟ ନରହି ନିଜର ସଙ୍ଗିନୀ ମାନଙ୍କ ଗହଣକୁ ଚାଲିଗଲା । ଗଲାବେଳେ ତାର ହସରୁ ରାମକୃଷ୍ଣ ବୁଝିଲା ଉଷା କ୍ଷମା ଦେଇଛି ।

ସାରାଦିନ ଗ୍ରାହକଗଣ ବୁଲୁଛନ୍ତି । ଖାଇବା ପିଇବାର ଠିକଣା ନାହିଁ । ବୁଲିବାହିଁ ଲକ୍ଷ । ଯେ କୌଣସି ଜଳଖିଆ ଦୋକାନରେ ଦଳ ଦଳ ହୋଇ ବସି ଷ୍ଟୁ ବିସ୍କୁଟ ଆଦି ହାଲୁକା ଜଳଖିଆହିଁ ଆଜି ସେମାନଙ୍କର ଖାଦ୍ୟ ।

ରାମକୃଷ୍ଣ ଉଷା ଆଜି ନବଦମ୍ପତି ହୋଇଛନ୍ତି । ଦୀର୍ଘ ଦିନର ପ୍ରତିବନ୍ଧକ ଆଜି ସୀମିତ ବନ୍ଧୁ ମିଳନର ସୁଯୋଗରେ ଭୁଶୁଡ଼ି ପଡୁଛି । ରାମକୃଷ୍ଣ ଜଳଖିଆ ଖାଇଲେ ଉଷା ପାଣି ଗ୍ଲାସ ବଢ଼େଇ ଦେଉଛି । ଉଷା ଖୋଜିଲା ଜଣା ପଡ଼ିଲେ ରାମକୃଷ୍ଣ ନିଜ ବ୍ୟାଗରୁ ବିସ୍କୁଟ ଫ୍ଲାସ୍କରୁ ଷ୍ଟୁ କାଢ଼ି ଦେଉଛି ।

ପାଖ ଗାଁର ବାଳକ ବାଳିକା ଯୁବକ ଯୁବତୀ ବୃଦ୍ଧ—ବୃଦ୍ଧାଏ ହସମୁଖରେ ଦଳଟିକୁ ଦେଖି ବିସ୍ମିତ ହେଉଛନ୍ତି । ସେମାନଙ୍କର କଳ୍ପନା ବାହାର ମିଳନ ଓ ଚପଳତା ସନ୍ଦର୍ଶନରେ ସେମାନେ ଅଭିଭୂତ ହୋଇ ପଡ଼ୁଛନ୍ତି ।

ଚଉଦ୍ୱାର ଲୁଗା କଳ ମଧ୍ୟରେ ପଶିଲା ମାତ୍ରେ ଗାଇଡ୍ କୁହିଲେ—ଆପଣ ମାନେ ମୁଣ୍ଡ ଘାଣ୍ଟି ନାକ ଘୋଡ଼େଇ ରଖନ୍ତୁ । ଅସମ୍ଭବ ଗରମ ପବନ ଓ ତୂଳା ଗୁଣ୍ଡାକ ଉଡ଼ିବା ଫଳରେ କାରଖାନା ଭିତରଯାକ ଖରାଦିନ ବୃଷ୍ଟିବାଷ୍ପ ପରି ଜଣାପଡୁଛି ।

ଉଷା ତାର ହଳଦିଆ ଛିଟ ସିଲ୍କ ଶାଢ଼ୀଟିର ମୁଣ୍ଡ ଉପରକୁ ଝଟେଇ ଆଣିବାର ଦେଖି ରାମକୃଷ୍ଣ କହିବାର ଲୋଭ ସମ୍ଭରଣ କରି ନପାରି କହିଲା—ନୂଆବୋଉ ନ ହେଉଣୁ ନୂଆବୋଉ ବେଶ ବେଳେ ବେଳେ ଅଶାନ୍ତ ଲାଗେ ।

ଗୋରା ମୁହଁଟି କାରଖାନା ଭିତରେ ଅସହ୍ୟ ଗରମରେ ଲାଲ ପଡ଼ିଯାଇଥିଲା । ସୁନ୍ଦର ମୁହଁଟି ତାର ସୁନ୍ଦରତର ହୋଇଥିଲା ।

ରାମକୃଷ୍ଣର ଖୁବ୍ ନିକଟକୁ ଆସି ଉଷା କହିଲା—ଅବସ୍ଥାକୁ ସ୍ୱିଁ ଖାପ ଖୁଆଇ ଚଳିବାରେ ମୋର ଖୁବ୍ ଦକ୍ଷତା ଅଛି ।

ଦୁଇଟି ପ୍ରାଣର ଅନ୍ତର ଖୋଲା ହସ ଓ କଥାବାର୍ତ୍ତାରେ କ୍ଷଣକଲାଗି ଉଷା ଓ ରାମକୃଷ୍ଣ ସଚେତନ ହୋଇ ଉଠିଲେ ।

କଟକ ଫେରିଲା ବେଳକୁ ରାତି ହୋଇଯାଇ ଥାଏ । ଗାଡ଼ିରୁ ଓହ୍ଲାଇ କିଏ କେଉଁବାଟେ ଗଲେ ତାର ପତ୍ତା ନାହିଁ ।

ଏ ଭିତରେ ଦୁଇ ତିନି ଦିନ ବିତି ଯାଇଛି । ରାମକୃଷ୍ଣ ଉଷାକୁ ନଦେଖି ବ୍ୟସ୍ତ ହୋଇ ଉଠୁଛି । ଉଷାର ଅନୁପସ୍ଥିତିରେ କଲେଜର ପାଠପଢ଼ାରେ ତାର ମନ ଲାଗୁନି । ରାତିରେ ଭଲ ନିଦ ହେଉନି ।

ଉଷା ସଙ୍ଗେ ତାର ସଂପର୍କ ସ୍ଥାପିତ ହେବାଦିନୁ ସେ ମନେ ମନେ ଠିକ୍ କରି ନେଇଛି ଉଷାକୁ ସେ ବିବାହ କରିବ । ଅରାଜି ହେବାର କିଛି କାରଣ ନାହିଁ । ଦୁହେଁ ଟ୍ରେନିଙ୍ଗ୍ ପରେ ଏକ ସ୍କୁଲରେ ଚାକିରି କରିବେ । ପଲ୍ଲୀର ଶାନ୍ତ ପରିବେଶରେ ଛୋଟିଆ ବସା ଘରେ ଛୋଟିଆ ସଂସାର ତାଙ୍କର ହସି ଉଠିବ ।

ଗାଁର ପାହାଡ଼ ଝରଣା, ଅଶ୍ୱତ୍ଥସାଲିଆ ନଈ କୂଳ ସକାଳ ସନ୍ଧ୍ୟା ଛୁଟିଦିନମାନଙ୍କରେ ଉପଭୋଗ କରିବେ । ଜ୍ୟୋସ୍ନାସ୍ନାତ ରଜନୀରେ ଗାଁ ବାହାର ଉନ୍ମୁକ୍ତ ପ୍ରାନ୍ତରରେ ହାତକୁ ହାତ ଧରି ପ୍ରଜାପତି ପରି ଘୁରି ବୁଲିବେ ।

ଶିକ୍ଷକ ଜୀବନ କେଡ଼େ ଆରାମପ୍ରଦ । ଅବସର ବହୁତ ! କୋମଳମତି ବାଳକ ବାଳିକାମାନଙ୍କ ମେଳରେ ହସି ଖେଳି ସମୟ କଟିଯିବ ।

ଉଷାକଥା ଭାବିଲାବେଳେ ବୀଣା ଆସି ରାମକୃଷ୍ଣର ଚିନ୍ତାରେ ବାଧାଦିଏ । ବୀଣା ସୁନ୍ଦରୀ ସତ, କିନ୍ତୁ ସେ ତାକୁ ଅବିଶ୍ୱାସ କରିଛି । ସାମାନ୍ୟ ବିଚ୍ଛେଦରେ ପରପୁରୁଷକୁ ଅବଲମ୍ବନ କରିବାପାଇଁ ଚେଷ୍ଟା କରିଛି ।

ମନ ତାର ବିଦ୍ରୋହ କରେ । ବୀଣାକୁ ମନରୁ ଜୋର କରି ଦୂର କରେ । ଉଷାର ସମ୍ମୁଖରେ ବୀଣାର ମୁଖମଣ୍ଡଳ ଅଦୃଶ୍ୟ ହୋଇଯାଏ ।

ଉଷା ଜନାର୍ଦ୍ଦନ ଦେବ କଲେଜକୁ ଆସିନି । ନ ଆସିବାର କାରଣ କିଛି ଜାଣି ହ ପାରୁନି । ଉଷାର ଘରକୁ ସେ ଯାଇନି କେବେ, ଯିବା ବି ସୁନ୍ଦର ନୁହେଁ ବର୍ତ୍ତମାନ । ତାର ବାପ ଭାଇ ମା ଭଉଣୀ ଅଛନ୍ତି । ରାମକୃଷ୍ଣର ସାନିଧ୍ୟ ବିବାହ ପୂର୍ବରୁ ସେମାନେ ପସନ୍ଦ କରି ନ ପାରନ୍ତି ।

ସେଦିନ ରବିବାର । ଅବସର ମିଳିଲେ ସାଧାରଣତଃ ଛୁକରିଆ ଓ ଛାତ୍ରମାନେ ଆନନ୍ଦିତ ହୁଅନ୍ତି । ହଷ୍ଟେଲ ପାଟି ତୁଣ୍ଡରେ ଫାଟି ପଡ଼ୁଥାଏ । ବିବାହିତ ବନ୍ଧୁମାନେ ଛୁଟିନେଇ ଘରକୁ ଚାଲିଗଲେଣି । ଅବିବାହିତ ବନ୍ଧୁମାନେ କ୍ୟାରମ, ରେଡ଼ିଓ ନେଇ ବ୍ୟସ୍ତ । ଜୀବନ ସେମାନଙ୍କର ରଙ୍ଗୀନ । ବିବାହ ପୂର୍ବରୁ ସେମାନେ ମୁକ୍ତ ବିହଙ୍ଗ । ପର ମେଲି କଳ୍ପନା ଆକାଶରେ ଭାସିବାରେ ସେମାନଙ୍କର କୌଣସି ପ୍ରତିବନ୍ଧକ ନାହିଁ ।

ରାମକୃଷ୍ଣ କିନ୍ତୁ ନୀରବ । ସଦାବେଳେ ଚୁପଚାପ । ରବିବାର ଗୁଡ଼ିକରେ ସେ ବେଶୀ ମଳିନ ଦେଖାଯାଏ । ତା ମନ କଥା ବୁଝିବା କାହାର ପାଖେ ସମ୍ଭବ ହୁଏନି । ବନ୍ଧୁମାନେ ଜାଣନ୍ତି ତାଙ୍କର ପ୍ରକୃତି ସେଇଆ । ତାଙ୍କ ଚିନ୍ତାରେ କେହି କେବେ ବାଧା ଦେବାକୁ ଚେଷ୍ଟା କରି ନାହାନ୍ତି ।

ସେଦିନ କିନ୍ତୁ ହଠାତ୍ ବନ୍ଧୁ ସୁଧୀର କୁମାର ପଣି ଆସି କହିଲା —ରାମକୃଷ୍ଣ ବାବୁ, ଆପଣ ସବୁବେଳେ କଣ ଏତେ ଚିନ୍ତା କରନ୍ତି ? କିଛି ଯଦି ମନେ ନ କରିବେ ତେବେ ଗୋଟିଏ କଥା ପଚାରନ୍ତି ।

ମୁହଁରେ ହସ ଫୁଟାଇବାକୁ ଚେଷ୍ଟା କରି ରାମକୃଷ୍ଣ କହିଲା —କହନ୍ତୁ ଏଥିରେ ଭାବିବାର କଣ ଅଛି ? ବରଂ ବନ୍ଧୁ ହିସାବରେ ଆପଣଙ୍କର ସେତିକି ଅଧିକାର ଅଛି ।

ନିଜକୁ ସଜାଡି ନେଇ ସୁଧୀର କହିଲା—ଆପଣ ବିବାହିତ ?

ହଠାତ୍ ଏ ପ୍ରଶ୍ନରେ ରାମକୃଷ୍ଣର ଆଖି ଓଦାଳିଆ ହୋଇଗଲା । ସୁଧୀର ଏହା ଲକ୍ଷ୍ୟ କରି ବ୍ୟସ୍ତ ହୋଇଗଲା । ପୁଣି ନିଜକୁ ସଂଯତ କରି କହିଲା —କ୍ଷମାଦେବେ । ସେ ଚାଲିଗଲା ତା ବାଟରେ ।

ଡାକବାଲା ଦେଇଗଲା ଖଣ୍ଡେ ଚିଠି । ଚିଠି ଖୋଲି ପଢ଼ିଲା । ଉଷା ଲେଖିଛି—

ରାମକୃଷ୍ଣ ବାବୁ,

କ୍ଷମା କରିବେ । ଆପଣ ବିବାହିତ । ବିଦୁଷୀ ବାଣୀକୁ ହତାଶ କରନ୍ତୁନି । ଆପଣ ବାଣୀପାଖକୁ ଫେରି ଯାଆନ୍ତୁ । ସେ ଆପଣଙ୍କର ବାଟ ଚାହିଁ କେତେ ଆଶାରେ ବସି ରହିଛି । ତରୁଣ ପ୍ରୀନତା ଆପଣ ଯାହା ଭାବୁଛନ୍ତି, ତାହା ଆପଣଙ୍କ ମାନସିକ ଦୁର୍ବଳତାର ଲକ୍ଷଣ । ଆପଣ ଜଣକୁ ଯେତେବେଳେ ପରିତ୍ୟାଗ କରି ପାରୁଛନ୍ତି, ସେତେବେଳେ ଆଉଜଣକୁ ଛାଡ଼ିବା ଆପଣଙ୍କ ପକ୍ଷରେ ଅସମ୍ଭବ ନୁହେଁ । ମୋ ବାଟ ମୁଁ ବାଛି ନେଇଛି । ମୁଁ ଭାବ ପ୍ରବଣା ନୁହେଁ । ଶେଷ ମୁହୂର୍ତ୍ତରେ ମୁଁ ସବୁ ଜାଣି ପାରିଲି, ଆପଣଙ୍କ ଡାକ୍ତର ଶଶାଙ୍କଠୁ । ତାଙ୍କରି ସହିତ ମୋର ବିବାହ ଆସନ୍ତା ମାସରେ ହେଉଛି । ତେଣୁ ମୋର ଅସମାପ୍ତ ରହିଲା । ଇତି ।

ଉଷା

ରାମକୃଷ୍ଣ ନିଜ କକ୍ଷଟିରେ ଏକୁଟିଆ ବସିଛି । କଲେଜ ଯାଇନି, ମୁଖ ମଣ୍ଡଳ ମଲ୍ଲମଣିଷର ମୁର୍ଖ ପରି ଶୋଭା ଦିଶୁଛି । ବିଜୁଳି ପଙ୍ଖାର ଶୀତଳ ପବନ ସତ୍ତ୍ୱେ କପାଳ ଉପରେ ସ୍ୱେଦ ବିନ୍ଦୁ ବିନ୍ଦୁ ସୃଷ୍ଟି ହେଉଛି । ମସ୍ତିଷ୍କର ସମସ୍ତ ତନ୍ତ୍ରୀ ନିଷ୍କ୍ରିୟ ହୋଇଯାଉଛି ସେମିତି । ଟେବୁଲ ଉପରେ ହାତ ଦୁଇଟି ରଖି ତା ଉପରେ ମୁଣ୍ଡ ରଖି ରାମକୃଷ୍ଣ ବସିଛି । ନୀରବତା ତା ମନକୁ ବେଶୀ ଦୁଃଶ୍ଚିନ୍ତାଗ୍ରସ୍ତ କରୁଛି । ଏତିକିବେଳେ ଡାକବାଲା ଦେଇଗଲା ଟେଲିଗ୍ରାମ । ‘‘ବୀଣା ଭୀଷଣ ଅସୁସ୍ଥ, ଶୀଘ୍ର ଆସ’’ । ଏଇ କେତୋଟି ଶବ୍ଦ ରାମକୃଷ୍ଣର ହୃଦୟ ସାଗରରେ ଅକାଳଝଡ଼ ତୋଳିଛି । ବୀଣାକୁ ଭୁଲି ଉଷାକୁ ଆପଣାର କରିବାର ଚେଷ୍ଟା ତାର ବ୍ୟର୍ଥ ହୋଇଛି । ବିବାହିତ ଜାଣି ଉଷା ଦୂରେଇ ଯାଇଛି । ସେ ଲେଖିଦେଇ ଯାଇଛି । —‘ଜଣକୁ ପରିତ୍ୟାଗ କରି ପାରିଛନ୍ତି ଯେତେବେଳେ ଆଉଜଣକୁ ପରିତ୍ୟାଗ କରିବା ଆପଣଙ୍କ ନିକଟରେ ଅସମ୍ଭବ ନୁହେଁ ।’ ମାନସିକ ଅବସାଦ ବେଳେ ଟେଲିଗ୍ରାମଟି ରାମକୃଷ୍ଣର ମନକୁ ଅଧିକ ଦୁର୍ବଳ କରି ଦେଉଛି ।

କଲିକତାର ନୃଆଖାଲି ହତ୍ୟାକାଣ୍ଡରେ ଶତ ଶତ ଯୁବତୀମାନଙ୍କ ଉପରେ ହୋଇଥିଲା ଅମାନୁଷିକ ପାଶବିକ ଆକ୍ରମଣ, ସେମାନଙ୍କୁ କି ସମାଜ ଦୂର କରିନି ?

ଅନେକ ତଥା କଥିତ ଆଧୁନିକ ପରିବାରରେ ଘଟିଥିବା ଅଶୋଭନୀୟ ଘଟଣାଗୁଡ଼ିକ ତା ଆଖି ଆଗରେ ନାଚି ଉଠିଲା ।

ସୀଣା କି ରାମକୃଷ୍ଣଙ୍କୁ କେବେ ଅସମ୍ମାନ ପ୍ରଦର୍ଶନ କରନ୍ତି ? ତାର ଆଦେଶ କେବେ ଅମାନ୍ୟ କରନ୍ତି ? ବିଶ୍ୱନାଥ ନିକଟକୁ ପତ୍ର ଲେଖିବା କ'ଣ ଚରିତ୍ରହୀନତାର ଲକ୍ଷଣ ?

ଏକକାଳୀନ ଏତେଗୁଡ଼ିଏ ପ୍ରଶ୍ନର ସମାଧାନ ରାମକୃଷ୍ଣ କରି ପାରିଲେନି । ମନେ ପଡ଼ିଲା ଉଷାର ଶେଷ କେତେ ପଦ କଥା— ଆପଣ ସୀଣା ପାଖକୁ ଫେରି ଯାଆନ୍ତୁ । ସେ ଆପଣଙ୍କର ବାଟ ଚାହିଁ କେତେ ଆଶାରଖି ବସିଛି । ନାରୀର ଚରିତ୍ରହୀନତା ବୋଲି ଆପଣ ଯାହା ଭାବୁଛନ୍ତି ତାହା ଆପଣଙ୍କର ମାନସିକ ଦୁର୍ବଳତାର ଲକ୍ଷଣ ।

ସତେ କ'ଣ ସେ ଦୁର୍ବଳ ? ସୀଣାକୁ କ'ଣ ସେ ଅବହେଳା କରିଛି ? ନା, ସେ ନିଶ୍ଚୟ ଯିବ । ସୀଣାର ଏ ଦୁର୍ଦ୍ଦିନରେ ତା ନିକଟରେ ପହଞ୍ଚି କ୍ଷମା ମାଗିନେବ । ତା' ପରେ ହସି ଉଠିବ ତାର ସୁନାର ସଂସାର । ସୀଣାକୁ ପାଖେ ପାଖେ ରଖି ତା'ର ଦେହ ମନରେ ଭରିଦେବ ଅଖଣ୍ଡ ତୃପ୍ତି ।

ରାମକୃଷ୍ଣ ନିର୍ଲିପ୍ତ ନଜରରେ ଶଯ୍ୟାଶାୟିତ ସୀଣାକୁ ଚାହିଁଲା । ଧଳାଚାଦର ଉପରେ ଶୋଇ ପଡ଼ିଯାଇଥିବା ସୀଣାର ପତଳା ଦେହଟା ଲାଗି ରହିଛି । ରାମକୃଷ୍ଣର ଆଖିରେ ଲୁହ ଦେଖାଗଲା । ଅନୁତାପରେ ମନ ତା'ର ଦଗ୍ଧ ହେଉଥିଲା । ଅତି ଆଦରର ସୀଣାର ଏ ଅବସ୍ଥା ଲାଗି ସେ ନିଜକୁ ଦାୟୀ କଲା । ସୀଣାର କପାଳ ଉପରେ ହାତ ରଖି ରାମକୃଷ୍ଣ ଜ୍ୱରର ଭୀଷଣତାରେ ଉତ୍କଣ୍ଠିତ ହୋଇଗଲା । ଧୀରେ ଧୀରେ ରାମକୃଷ୍ଣ ଡାକିଲା—ସୀଣା— ! ସୀଣା !

ବୀଣା ଅର୍ଦ୍ଧଚେତନ ଅବସ୍ଥାରେ ରାମକୃଷ୍ଣର ଡାକ ଶୁଣିଲା । କପାଳରେ ହସ୍ତସଂଚାଳନ ଅନୁଭବ କଲା । ରାମକୃଷ୍ଣର ସ୍ୱର ଅତି ଅସ୍ପଷ୍ଟ ଶୁଣାଗଲା । ସେ ବୁଝିବାକୁ ଚେଷ୍ଟାକରି ବୁଝି ପାରିଲାନି ।

ବୀଣାର ନୀରବତାରେ ରାମକୃଷ୍ଣର ହୃଦୟ ଫାଟି ପଡ଼ିଲା । ପତ୍ନୀ ପ୍ରତି ଅବଜ୍ଞାର କଥାଭାବି ନିଜକୁ ଧିକ୍କାର କଲା । କେତେ ପାପଚିନ୍ତା ତା ମାନସପଟରେ ନାଚିଉଠି ତାକୁ ବିବ୍ରତ କରିଦେଲା । ପ୍ରାଣରେ ଆକୁଳତା ଭରି ସେ ପୁଣି ଡାକିଲା—ବୀଣା !

କେତେକ ସମୟପରେ ରାମକୃଷ୍ଣର ଡାକରେ ବୀଣା ଆଖି ଖୋଲି ଚାହିଁଲା । କିନ୍ତୁ ଚିହ୍ନି ପାରିଲାନି । ରାମକୃଷ୍ଣ ବୀଣାର ଏ ଅବସ୍ଥା ଦେଖି ତାର ମନରୁ ଉତ୍ସାହ ମଉଳି ଆସିଲା । ବିଚଳିତ ହୋଇ କହିଲା—ମତେ ଚିହ୍ନି ପାରୁନ ବୀଣା ? କେତେକ ସମୟପରେ ବୀଣା ରାମକୃଷ୍ଣକୁ ଚିହ୍ନି ତାର ଦୁର୍ବଳ ହାତ ଦୁଇଟିକୁ ରାମକୃଷ୍ଣ କୋଳ ଉପରକୁ ଉଠେଇ କ୍ଷୀଣସ୍ୱରରେ କହିଲା—ଏତେଦିନେ ମନେ ପଡ଼ିଲା ? ଇମିତି ଫେରେ କଷ୍ଟ ଦିଅନ୍ତି ? ରାମକୃଷ୍ଣ ବୀଣାକୁ ଆଉ କଥା କହିବାକୁ ନ ଦେଇ ତାର ନରମ ପାପୁଲିକି ହାତ-ମୁଠାରେ ଚିପି ଆଉଁସିବାକୁ ଲାଗିଲା ।

ଦୁଇପ୍ରାଣୀଙ୍କର ଆଖିର ଅଶ୍ରୁ ଜଳରେ ବହୁଦିନର ଜମାଟବନ୍ଧା ଦୁଃଖ ଧୋଇ ହୋଇଗଲା ।

*

# ଗ୍ରୀଷ୍ମ ସନ୍ଧ୍ୟା

— ଖଣ୍ଡ - ୭ —